**ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା**

# ଗାଁ ଗାଁରେ ଭକ୍ତିମୟ ପରିବେଶ; ଅରୁଆ ଚାଉଳ, ଗୁଆ ଅର୍ପଣ

କେନ୍ଦ୍ରାପଡ଼ା,୮।୧(ସମିସ)

ରଙ୍ଗବେରଙ୍ଗର ମୁରୁଜ ଓ ଝୋଟିଚିତାରେ ସଜେଇ ହୋଇ ରହିଛି ଗାଁ ଦାଣ୍ଡ। ଗୋବରରେ ଲିପାପୋଛା କରି ପୂର୍ଣ୍ଣ କୁମ୍ଭ, ଆମ୍ବଡାଳ ଓ ପଇଡ଼ ବସାଇ ଶ୍ରୀ ଜଗନ୍ନାଥଙ୍କ "ଅର୍ପଣ ରଥ"କୁ ଶ୍ରଦ୍ଧା ଓ ସମର୍ପଣର ସହ ସ୍ୱାଗତ କରୁଛନ୍ତି ଶ୍ରଦ୍ଧାଳୁ। ହରିବୋଲ ହୁଳହୁଳି ସାଙ୍ଗକୁ ଜୟ ଜଗନ୍ନାଥ ଧ୍ୱନି ମନରେ ପ୍ଲାବିତ କରୁଛି ତୁଳସୀକ୍ଷେତ୍ରରେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଭବ୍ୟ ଓ ଦିବ୍ୟ କରିବା ନିମନ୍ତେ ସମସ୍ତ କେନ୍ଦ୍ରାପଡ଼ାବାସୀ ଭାବବିନୋଦିଆଙ୍କୁ ନିଷ୍କାମ ଭକ୍ତିର ସହ ସମର୍ପି ଦେଉଛନ୍ତି ଅକ୍ଷତ(ଅରୁଆ ଚାଉଳ) ଓ ଗୁଆ। ଡେରାବିଶ ବ୍ଲକରେ



ଗୁଆଳଙ୍କି, ନରସିଂହପୁର, ଖମଳ, କୁଶିଆପାଳ, ଦାନପୁର, ଏଣ୍ଡର ଆଦି ଗ୍ରାମ ପଞ୍ଚାୟତରେ "ଅର୍ପଣ ରଥ"କୁ ଭବ୍ୟ ସ୍ୱାଗତ କରାଯାଇଛି। ଏହି ସମୟରେ ପାଟକୁରା ବିଧାୟକଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ, ଡେରାବିଶ ବିଡିଓ ଦାଶରଥି ଜେନା, ଏବିଡିଓ ଭଞ୍ଜକିଶୋର ମଲ୍ଲିକ, ଭାଇସ-ଚେୟାରମ୍ୟାନ୍ ଦୁର୍ଗାଶିଷ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଲ୍ଲିକ, ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କେନ୍ଦ୍ରାପଡ଼ା ବ୍ଲକର ଓଷ୍ଟପୁର, ଚନ୍ଦନପୁର, ଧୁମାତ, ବଗଡ଼ା, ଚକୋଡ଼ା, ପଳସିଙ୍ଗା ଆଦି ଗ୍ରାମ ପଞ୍ଚାୟତର ଲୋକେ "ଅର୍ପଣ ରଥ"କୁ ଶ୍ରଦ୍ଧାର ସହ ସ୍ୱାଗତ କରିଥିଲେ। ଏହି ସମୟରେ କେନ୍ଦ୍ରାପଡ଼ା ବିଡିଓ ବନ୍ଦନା ଖଟୁଆ, ଭାଇସ୍ ଚେୟାରମ୍ୟାନ୍ ପ୍ରତାପ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ, ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

**ପଟ୍ଟାମୁଣ୍ଡାଇ:** ଆସନ୍ତା ୧୭ ତାରିଖରେ ଶ୍ରୀକ୍ଷେତ୍ର ପୁରୀରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଭବ୍ୟ ଓ ସୁଦୃଶ୍ୟ ପରିକ୍ରମା ପ୍ରକଳ୍ପ ଉଦଘାଟିତ ହେବାକୁ ଯାଉଛି। ଏହି ମହାର୍ଘ କାର୍ଯ୍ୟକ୍ରମରେ କୋଟି କୋଟି ଜଗନ୍ନାଥପ୍ରେମୀ ଓ ଭକ୍ତ ସାମିଲ ହେବା ସହିତ ନିଜ ଭକ୍ତିର ନିଦର୍ଶନ ସ୍ୱରୂପ ପ୍ରଭୁଙ୍କୁ ଭେଟି ଦେବା ପାଇଁ ସାରା ଓଡ଼ିଶାର ପ୍ରତି ଘରୁ ଅରୁଆ ଚାଉଳ ଓ ଗୁଆ ପଠାଇବା ପାଇଁ ଭକ୍ତମାନେ ବ୍ୟଗ୍ରତା ଓ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ସାରା ଓଡିଶାରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା କରି ଭକ୍ତଙ୍କଠାରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିବାର ବିରଳ ଦୃଶ୍ୟ



ଦେଖିବାକୁ ମିଳିଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଅର୍ପଣ ରଥ ପରିକ୍ରମା ପାଇଁ ଆଜି ସ୍ଥାନୀୟ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଏକ ଭବ୍ୟ ଭାବଗମ୍ଭୀର ଓ ଭକ୍ତିପୂର୍ଣ୍ଣ ସମାରୋହ ଅନୁଷ୍ଠିତ ହୋଇଥିଲା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ଥିବା ଦୁଇଟି ସୁସଜ୍ଜିତ ଅର୍ପଣ ରଥରେ ପ୍ରଭୁଙ୍କୁ ଯଥାବିଧି ବ୍ରାହ୍ମଣ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯିବା ପରେ ସମବେତ ଭକ୍ତ ରଥରେ ଥିବା ଅରୁଆ ଚାଉଳ, ଗୁଆ ଅର୍ପଣ କରିବା ପରେ ବିଧିବଦ୍ଧ ଭାବେ ଅର୍ପଣ ରଥ ପରିକ୍ରମା ଶୁଭାରମ୍ଭ କରାଯାଇଥିଲା। ଶହ ଶହ ମହିଳା, ଜଗନ୍ନାଥପ୍ରେମୀ ଭକ୍ତ ଓ କାର୍ଯ୍ୟକର୍ତ୍ତାମଣ୍ଡଳୀଙ୍କ ଜୟ ଜଗନ୍ନାଥ, ହରିବୋଲ ହୁଳହୁଳି ମଧ୍ୟରେ ରାଜନଗର ବିଧାୟକ ଧ୍ରୁବ ସାହୁ ଅର୍ପଣ ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ବିଧାୟକଙ୍କ ସହିତ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ପୌର ଉପାଧ୍ୟକ୍ଷା ଅନୁପ୍ରିୟା ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାଉତ, କାଉନସିଲର ଗୋପୀବଲ୍ଲଭ ନାୟକ, ପ୍ରଶାନ୍ତ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

**ମହାକାଳପଡ଼ା:** ମହାକାଳପଡ଼ା ବ୍ଲକର ବିଜୟନଗର, କରଞ୍ଜ, ବଡ଼କୁଳ ପଞ୍ଚାୟତରେ ଗାଁ ଗାଁ ରେ ସୋମବାର ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଜୟ ଜଗନ୍ନାଥ ଅର୍ପଣ ରଥ ଆଗରେ ନାମ ସଂକୀର୍ତ୍ତନ, ହରିବୋଲ ହୁଳହୁଳି, ଶଙ୍ଖନାଦ ସାଙ୍ଗକୁ ଜୟ ଜଗନ୍ନାଥ ଜୟ ଜଗନ୍ନାଥ ଧ୍ୱନି ଦେଇ ଶ୍ରଦ୍ଧାଳୁମାନେ ଧୂପ ଦୀପ ନୈବେଦ୍ୟ ଦେଇ ପୂଜାର୍ଚ୍ଚନା କରିବା ସହିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଯଜ୍ଞ



ରେ ସାମିଲ ହେବା ପାଇଁ ଅରୁଆ ଚାଉଳ, ଗୁଆ ପ୍ରଦାନ କରିଛନ୍ତି। ମହାକାଳପଡ଼ା ବିଧାୟକ ତଥା ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ସମବାୟ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଅର୍ପଣ ରଥର ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମହାକାଳପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ରାଉତ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ନଳିନୀପ୍ରଭା ଚୌଧୁରୀ, ସରପଞ୍ଚ ରୂପସ୍ୱିନୀ ସାହୁ, ସମିତିସଭ୍ୟା ଗୀତାଞ୍ଜଳି ମିଶ୍ର, ୧୯ ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟାଙ୍କ ପ୍ରତିନିଧି ଦେବଦତ୍ତ ପରିଡା, ଗୋଗୁଆ ସରପଞ୍ଚ ପ୍ରମୋଦ କୁମାର ଦାସ, କରଞ୍ଜ ପଞ୍ଚାୟତର ସରପଞ୍ଚ ପ୍ରେମଲତା ସାହୁ, ସମିତିସଭ୍ୟା ରାଜଲକ୍ଷ୍ମୀ ସାମନ୍ତରାୟ, ବଡକୂଳ ପଞ୍ଚାୟତର ସରପଞ୍ଚ ପ୍ରଜ୍ଞା ପାରମିତା କର, ସମିତି ସଭ୍ୟା ସବିତା ସ୍ୱାଇଁ, ୨୦ ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟ ସୁବୋଧ କୁମାର ଲେଙ୍କା, ୨୧ ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟାଙ୍କ ପ୍ରତିନିଧି ଧର୍ମପଦ ଦାସ ପ୍ରମୁଖ ଉପସ୍ଥିତ ରହି 'ଅର୍ପଣ ରଥ' ପରିକ୍ରମା କରାଇଥିଲେ।

**ଗରଦପୁର:** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରିକ୍ରମା କାର୍ଯ୍ୟକ୍ରମ ପାଇଁ ଆଜି ବଙ୍ଗାଳପୁର ପଞ୍ଚାୟତରେ ଜଗନ୍ନାଥଙ୍କ ଅର୍ପଣ ରଥ ଗଡିଛି। ଗରଦପୁର ବ୍ଲକ ମାହଳ ଠାରେ ଥିବା ଜଗନ୍ନାଥ ମନ୍ଦିରରେ ରୀତିନୀତି ନିୟମ ଅନୁଯାୟୀ ପୂଜା ହେବାପରେ ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ ଅର୍ପଣ ଥାଳି ଧରି ଆସିବା ପରେ ରଥକୁ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଚଅଁପୁର , ବନ୍ଧସାହି, ହୁରାସାହି, ଘୋଡାଦଣ୍ଡା ଦେଇ ସଠିଲୋ, ଶିଶୁଆ ଗ୍ରାମ ପରିକ୍ରମା ପରେ ସଲାରଠାରେ ଶେଷ ହୋଇଛି। ଏହି ଅର୍ପଣ ରଥ ଗାଁ ଗାଁ ବୁଲିଲା ବେଳେ ସଙ୍କୀର୍ତ୍ତନ ଓ ହୁଳହୁଳି ଧ୍ୱନିରେ ଗୋଟିଏ ଆଧ୍ୟାତ୍ମିକ



ପରିବେଶ ସୃଷ୍ଟି ହୋଇଥିଲା। ମହିଳାମାନେ ଅର୍ପଣ ରଥରେ ଅରୁଆ ଚାଉଳ, ଗୁଆ, ଓ ଅର୍ଘ୍ୟ ମଧ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସରପଞ୍ଚ ଅମୀୟ କୁମାର ଜେନା, ସମିତି ସଭ୍ୟା ମହେଶ୍ୱତା ସାମଲ ଓ ଜିଲ୍ଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ, ଜିଲ୍ଲା ବିଜେଡ଼ି ସମ୍ପାଦକ ହେମନ୍ତ ସେଠୀଙ୍କ ସମେତ ମାହାଳ ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଦିଲ୍ଲିପ କୁମାର ନାୟକ ପରିଚାଳନା କରିଥିଲେ। ସେହିପରି ପାଟକୁରା ପଞ୍ଚାୟତରେ ମଧ୍ୟ ଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା କରିଥିଲା। ବିଡ଼ିଓ ପ୍ରଦ୍ୟୁମ୍ନ କୁମାର ନାୟକ ଉପସ୍ଥିତ ରହି ପାଟକୁରା ରେ ଥିବା କହ୍ନେଇଲାଲ୍ ମନ୍ଦିରରେ ପ୍ରଥମେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ମହାନ୍ତି, ସମିତି ସଭ୍ୟ ରାକେଶ ମହାପାତ୍ର, ପୂର୍ବତନ ବିଜେଡି ସଭାପତି ଶୈଳେନ୍ଦ୍ର ମହାନ୍ତି, ସାମ୍ବାଦିକ ନବଘନ ନାୟକଙ୍କ ସମେତ ମିଶନ ଶକ୍ତି ମହିଳା ଓ ପଞ୍ଚାୟତର ଶତାଧିକ ଜଗନ୍ନାଥପ୍ରେମୀ ଉପସ୍ଥିତ ରହି ଗ୍ରାମ ପରିକ୍ରମା କରିଥିଲେ।

**ରାଜନଗର:** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଆସନ୍ତା ୧୭ ତାରିଖରେ ହେବ। ଏହି ଐତିହାସିକ କାର୍ଯ୍ୟକ୍ରମରେ ରାଜ୍ୟବାସୀଙ୍କ ସଂପୃକ୍ତି ଲାଗି ଆଜିଠୁଁ ରାଜନଗରରେ ବୁଲୁଛି ଜୟ ଜଗନ୍ନାଥ ଅର୍ପଣ ରଥ। ଆଜି ରାଜନଗର ବ୍ଲକ ହେଡକ୍ୱାର୍ଟରରେ ଥିବା ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ୬ଟି ରଥ ରାଜନଗର ବ୍ଲକର ରାଜନଗର, ସାନବଡଗୋପାଳପୁର, ଓସ୍ତିଆ, ଖମାରସାହି, ଡେରା, ରାଜପୁର ପଞ୍ଚାୟତର ପ୍ରତ୍ୟେକ ଗାଁର ଘରକୁ ଘର ବୁଲିଛି। ଏହି ରଥ ପରିକ୍ରମା ସମୟରେ ହୁଳୁହୁଳି, ସଂକୀର୍ତନ ଓ ଶଙ୍ଖଧ୍ୱନୀରେ ସମଗ୍ର ଅଂଚଳରେ ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଛି। ଘର ଆଗରେ ମାଆମାନେ ଝୋଟି ପକାଇ କଦଳୀଗଛ



ବାନ୍ଧି ଓ ଶୁଭ କଳସ ବସାଇ ଶ୍ରୀ ଜଗନ୍ନାଥଙ୍କ ଅର୍ପଣ ରଥକୁ ବନ୍ଦାପନା କରିବା ସହ ଅରୁଆ ଚାଉଳ ଓ ଗୁଆ ଅର୍ପଣ କରିଥିଲେ। ରାଜନଗର ଦଧିବାମନଜୀଉଙ୍କ ମନ୍ଦିରରେ ରାଜନଗର ବିଧାୟକ ଧ୍ରୁବ ସାହୁ ପୂଜାର୍ଚ୍ଚନା କରିବା ପରେ ରଥ ଗଡିବା ଆରମ୍ଭ କରିଥିଲା। ରଥରେ ପୂଜକ ପଣ୍ଡିତ ଶଙ୍କର୍ଷଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ପୂଜକମାନେ ଶ୍ରୀ ଜଗନ୍ନାଥଙ୍କ ଅର୍ପଣ ରଥରେ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବିଡିଓ ନିଶାନ ମିଶ୍ର, ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ରାଜନଗର ସରପଞ୍ଚ ସୁଶ୍ରୀ ସଂଗୀତା ମିଶ୍ର, ସମିତିସଭ୍ୟା ସୁମିତ୍ରା ସେଠୀ, ଆମ୍ରାର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, କଟକ ସେଣ୍ଟ୍ରାଲ କୋ ଅପରେଟିଭ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିଜୟ ନାୟକ, ବ୍ଲକର କନିଷ୍ଠଯନ୍ତ୍ରୀ ପ୍ରଭାତ କୁମାର ମାଝି, ଅର୍ପଣ କୁମାର ମଲ୍ଲିକ, ରାଜେନ୍ଦ୍ର ପ୍ରସାଦ ମହାନ୍ତି, ଉମାଶଙ୍କର ଦଳାଇ, ଅନିରୁଦ୍ଧ ନାୟକ, ଅଞ୍ଜନ କୁମାର ସ୍ୱାଇଁ, ଓଡିଶା ଜୀବିକା ମିଶନର ବ୍ଲକ ସଂଯୋଜକ ରଶ୍ମୀରଂଜନ ଦାଶ ପ୍ରମୁଖ ଯୋଗଦେଇଥିଲେ।

**ଡେରାବିଶ:** ଶ୍ରୀମନ୍ଦିର ପରିକ୍ରମା ଲୋକାର୍ପଣ କାର୍ଯ୍ୟକ୍ରମ ପାଇଁ ସମଗ୍ର ରାଜ୍ୟରେ ଲୋକଙ୍କ ମଧ୍ୟରେ ଭକ୍ତିମୟ ଓ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଛି। ଏହି ଉପଲକ୍ଷେ ଡେରାବିଶ ବ୍ଲକ ଅଧୀନସ୍ଥ ଏଣ୍ଡର ପଞ୍ଚାୟତରେ ଏହି ଅର୍ପଣ ରଥ ବିଭିନ୍ନ ଗ୍ରାମ ପରିକ୍ରମା କରିଛି। ସଂକୀର୍ତ୍ତନ ଶୋଭାଯାତ୍ରା ମଧ୍ୟରେ ରଥ ଗାଁ ଦାଣ୍ଡରେ ବୁଲୁଥିବାବେଳେ ପ୍ରତ୍ୟେକ ପରିବାରରୁ ଚାଉଳ ଓ ଗୁଆ ରଥରେ ଥିବା ମାଟି ହାଣ୍ଡିରେ ଦାନ କରିବା ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖାଯାଇଥିଲା।



ଆଜିର ଏହି ଅର୍ପଣ ରଥ କାର୍ଯ୍ୟକ୍ରମରେ ଏଣ୍ଡର ସରପଞ୍ଚ ଦୁର୍ଯ୍ୟୋଧନ ମଲିକ, ସମିତିସଭ୍ୟ ପ୍ରଫୁଲ୍ଲ କୁମାର ସେଠୀ, ସାମାଜସେବୀ ମହେନ୍ଦ୍ର କୁମାର ମଲିକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ପ୍ରସନଜିତ୍ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ସଚେତନତା ବାର୍ତ୍ତା ଦେବାକୁ ଏକାଠି ହେଲେ ୪୦ ବର୍ଷ ତଳର ବନ୍ଧୁ

**ପଟ୍ଟାମୁଣ୍ଡାଇ,୮।୧(ସମିସ):** ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ପୁରାତନ ଛାତ୍ର ଏବଂ ସେମାନଙ୍କର ପରିବାରର ସଦସ୍ୟମାନଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ମହାପୁରୁଷ ଶ୍ରୀ ଶ୍ରୀ ଅରକ୍ଷିତ ଦାସଙ୍କ ସାଧନା ପୀଠ ପ୍ରସିଦ୍ଧ ଓଳାଶୁଣୀ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି ।ପୁରାତନ ଛାତ୍ର ବିପିନ ବିହାରୀ ପରିଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତେ ଯୋଗଦାନ କରି ଭାବର ଆଦାନ ପ୍ରଦାନ କରିବା ସହିତ ପୂର୍ବର ସ୍ମୃତିକୁ ନେଇ ଆଲୋକପାତ କରିଥିଲେ। ଆଗାମୀଦିନରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ



ଜାରି ରଖିବେ ବୋଲି ସମସ୍ତେ ମତ ରଖିଥିଲେ। ପରବର୍ତ୍ତୀ କାର୍ଯ୍ୟକ୍ରମ ପାଇଁ ଏକ କମିଟି ଗଠନ କରାଯାଇଛି । ଏହି କମିଟିରେ ସଭାପତି ଭାବେ ବିଜୟ କୁମାର ଜେନା, ସଂପାଦକ ଭାବେ ବିଜୟ କୁମାର ଦାଶ, କୋଷାଧ୍ୟକ୍ଷ ରଂଜନ କୁମାର ନାୟକ, ସହ ସଂପାଦକ ସହଦେବ ନାୟକ, ବିରେନ୍ଦ୍ର ନାଥ ନାୟକ, ବିପିନ ବିହାରୀ ବିଶ୍ୱାଳ, ନରହରୀ ସୂତାର ପ୍ରମୁଖ ମନୋନୀତ ହୋଇଛନ୍ତି। ଅନ୍ୟ ସମସ୍ତ ବନ୍ଧୁମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଉପଦେଷ୍ଟା ଓ ସଭାପତି ରୂପେ ଦୈନିକ ଖବର କାଗଜ"ସକାଳ "ର ରାଜ୍ୟ ପରିଚାଳନା ପ୍ରତିନିଧି ବିଜୟ କୁମାର ଦାସ ସଭାପତିତ୍ୱ କରି ଦୀର୍ଘ ୪୦ ବର୍ଷ ପରେ ଏକତ୍ରିତ ହୋଇଥିବା ବନ୍ଧୁମାନଙ୍କୁ ଦେଖି ଆନନ୍ଦ ପ୍ରକଟ କରିବା ସହ, ଦିବଙ୍ଗତ ଗୋବିନ୍ଦ ଚନ୍ଦ୍ର ଦାସ, ଗୋବିନ୍ଦ ଚନ୍ଦ୍ର ବେହେରା, ବୈଷ୍ଣବ ଚରଣ ରାଉତଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଶୋକସଭା ଓ ନିରବ ପ୍ରାର୍ଥନା କରାଇଥିଲେ ।ଆଗାମୀ ଦିନରେ ସମାଜର ବିଭିନ୍ନ ଉନ୍ନତି ମୂଳକ ଓ ସଚେତନତା କାର୍ଯ୍ୟକ୍ରମ ସହ ବୃକ୍ଷ ରୋପଣ, ସଡକ ସୁରକ୍ଷା ଓ ପରସ୍ପର ମଧ୍ୟରେ ଦୁଃଖ, ଦୁର୍ଦ୍ଦଶା କାଳରେ ସହଯୋଗୀ ହେବା ସହସହଭାଗିତା ହେବା ନିମନ୍ତେ ପ୍ରତିଶୃତିବଦ୍ଧ ହୋଇଥିଲେ ।ଏହି କାର୍ଯ୍ୟକ୍ରମରେ ବିଜୟ କୁମାର ଜେନା, ବିଜୟ କୁମାର ରାଉତ, ରଞ୍ଜନ କୁମାର ନାୟକ, ଅଜୟ କୁମାର ଦାସ, ସତ୍ୟବ୍ରତ ନାୟକ, ସୁରେଶ ଚନ୍ଦ୍ର ତ୍ରିପାଠୀ, ବିରେନ୍ଦ୍ର କୁମାର ନାୟକ, ଧୀରେନ୍ଦ୍ର କୁମାର ସ୍ୱାଇଁ, ଅବସରପ୍ରାପ୍ତ ବିପିନ ବିହାରୀ ବିଶ୍ୱାଳ, ଗଣେଶ ଚନ୍ଦ୍ର ସ୍ୱାଇଁ, ତୀର୍ଥାନନ୍ଦ ପ୍ରଧାନ, ପ୍ରସନ୍ନ କୁମାର ଦାସ, ଅକ୍ଷୟ କୁମାର ନାୟକ, ବିପିନ ବିହାରୀ ପରିଡା, ସୁରେଶ ଚନ୍ଦ୍ର ତ୍ରିପାଠୀ, ନରହରି ସୁତାର, ବାବନ ଚରଣ ପୃଷ୍ଟି, ଅଶୋକ କୁମାର ସାହୁ, ସୁରେନ୍ଦ୍ର କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ।

## ବାଇକ୍ ଧକ୍କାରେ ବାପାଝିଅ ଆହତ

**ପଞ୍ଚୁପାଣ୍ଡବ, ୮ ।୧ (ସମିସ) :** ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଘଣ୍ଟପଦା ଗ୍ରାମର ଦୀନବନ୍ଧୁ ସୁବୁଦ୍ଧି ଓ ତାଙ୍କ ଝିଅ ମାମିନା ସୁବୁଦ୍ଧି ବାଇକ୍ ଧକ୍କାରେ ଆହତ ହୋଇଛନ୍ତି। ବାପା ଓ ଝିଅ ସକାଳୁ ସକାଳୁ କୌଣସି କାମ ପାଇଁ ସ୍କୁଟି ନେଇ ରତ୍ନଗିରିକୁ



ବାହାରିଥିଲେ। ଆଗ ପଟରୁ ପଲସର୍ ଗାଡି ନେଇ ଆସୁଥିବା ଜଣେ ଯୁବକ ହଠାତ ବେଣୀପୁର ଛକ ପାଖରେ ସ୍କୁଟିକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ରକ୍ତାକ୍ତ ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାର କରି ସଙ୍ଗେସଙ୍ଗେ ଆମ୍ବୁଲାନ୍ସ ଡକାଇ ବାପା ଝିଅଙ୍କୁ ଖଡକପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

## ଗହୀରମଥାରୁ ୩ ଟ୍ରଲର ଜବତ, ୨୪ ମତ୍ସ୍ୟଜୀବୀ ଗିରଫ

**ରାଜନଗର,୮ ।୧(ସମିସ):** ବିରଳ ଅଲିଭରିଡଲେ କଇଁଛଙ୍କ ଏନ୍ଦୁଡିଶାଳ ଗହୀରମଥା ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗ ପାଟ୍ରୋଲିଂ ଟିମ ୩ଟି ଟ୍ରଲର ଜବତ କରିବା ସହ ୨୪ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛନ୍ତି। ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ ମହାରଣାଙ୍କ ନେତୃତ୍ୱରେ ଫରେଷ୍ଟର ପ୍ରଫୁଲ୍ଲ ମାଝି, ମଦନ ମୋହନ ହାଁସଦା, ସୁରେଶ ଚନ୍ଦ୍ର ପୃଷ୍ଟି ପ୍ରମୁଖ ବନକର୍ମଚାରୀ ମଦାନୀ, ମା'ଦୁର୍ଗା-୨, କାବେରୀ ନାମକ ୩ଟି ଟ୍ରଲର ଜବତ କରିବା ସହ ଏଥିରେ ଥିବା ରଘୁନାଥ ମଳିକ, ରବିନ୍ଦ୍ର ମଳିକ, ରତ୍ନାକର ମଳିକ, ପ୍ରମୋଦ ମଳିକ, ଅନିରୁଦ୍ଧ ମଳିକ, ବାଉନା ମଳିକ, ବିପ୍ଳବ ସିକଦର, ରମେଶ ବିଶ୍ୱାସ, ପଙ୍କଜ ବିଶ୍ୱାସ, ପରିତୋଷ ରୟ, ଖକନ ବିଶ୍ୱାସ, ବବୁଲ ବିଶ୍ୱାସ, ସୁକୁମାର ବିଶ୍ୱାସ, ସୁମନ ସିକଦର, କାଳିପଦ ସିକଦର, ଅସିତ୍ ବିଶ୍ୱାସ, ମୁକ୍ତିକାନ୍ତ ମଳିକ, କଳାକାର ମଳିକ, କଟିଆ ମଳିକ, ଗୟାଧର ମଳିକ, ପ୍ରଭାକର ମଳିକ, ପ୍ରଫୁଲ ମଳିକ, ସୁରେନ୍ଦ୍ର ମଳିକ ପ୍ରମୁଖ ୨୪ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ୩ଟି ଟ୍ରଲରରୁ ୭ଟି ଭିଏଚଏଫ, ୪ଟି ଜିପିଏସ, ୩ଟି ଫିସ୍ ଫ ।ଇଣ୍ଡର, ୩୧ଟି ଟ୍ରଲିଂ ନେଟ ଓ ୪୭ କ୍ୟୁଣ୍ଟାଲ ସାମୁଦ୍ରିକ ମାଛ ଜବତ କରାଯାଇଛି। ଗହୀରମଥା ନିଷିଦ୍ଧାଞ୍ଚଳରେ କଟକଣା ଲାଗୁ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ୨୧ଟି ଟ୍ରଲର ଜବତ ହୋଇଥିବା ବେଳେ ୨୦୭ ମତ୍ସଜୀବୀଙ୍କୁ ଗିରଫ କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**● ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ମିଳିତ ଜନଶୁଣାଣୀ ଶିବିର**

## ୮୨ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ପଟ୍ଟାମୁଣ୍ଡାଇ,୮ ।୧(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଏସ ପି ସନ୍ଦୀପ ସମ୍ପଦ ମଦକର ,ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ତହସିଲଦାର ପଞ୍ଚାନନ ନାୟକ , ପୌର ନିର୍ବାହୀଅଧିକାରୀ ଅଜିତ ନାରାୟଣ ଗିରି ପ୍ରମୁଖ ଯୋଗ ଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ ଓ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ପାନୀୟଜଳ, କୃଷି, ଜଳସେଚନ, ଉଠାଜଳସେଚନ, ମହିଳା ଶିଶୁ ବିକାଶ, ସାଧାରଣବଣ୍ଟନ ଆଦି ବିଭିନ୍ନ ପ୍ରସଙ୍ଗରେ ୮୨ଟି ଅଭିଯୋଗ ଆଗତ



କରାଯାଇଥିଲା ଓ ଏହି ମିଳିତ ଜନଶୁଣାଣୀ ଶିବିରରେ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରିଣୀ ଡା ଅନିତା ପଟ୍ଟନାୟକ, ଜିଲ୍ଲା ମୃତିକା ସଂରକ୍ଷଣ ବିଭାଗ ସହକାରୀ ନିର୍ଦ୍ଦେଶକ ଅଶୋକ ସାମଲ, ଡିଏସଏସ ଓ ରୁପାଲୀ ପ୍ରିୟଦର୍ଶନୀ, ଜିଲ୍ଲା ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକ,କେନ୍ଦ୍ରାପଡ଼ା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ଇଂ ବି କେ ନାୟକ, ପଟ୍ଟାମୁଣ୍ଡାଇ ସହନିର୍ବାହୀ ଯନ୍ତ୍ରୀ ଇଂ ରଞ୍ଜନ କୁମାର ଲେଙ୍କା, ଡିପିସି ମନୋରଞ୍ଜନ ଦାସ, ଡିଡବ୍ଲ୍ୟୁଓ ଜିସି ମଲିକ, ଡିଏଲ୍ଏଫଓ ବିଜୟ କେତନ ସାହୁ ଏବିଡ଼ିଓ ସନ୍ତୋଷ କୁମାର ମନ୍ତ୍ରୀ,ବ୍ଲକ ସହନିର୍ବାହୀଯନ୍ତ୍ରୀ ରୋଜାଲିନ ମହାଳିକ, ସହକାରୀ ନିର୍ବାହୀଯନ୍ତ୍ରୀ ଜଳଧର ବେହେରା,ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ଇଂ ସ୍ମୃତିରଞ୍ଜନ ରଥ, ଗ୍ରାମ୍ୟଉନ୍ନୟନ ବିଭାଗ ସହନିର୍ବାହୀଯନ୍ତ୍ରୀ ଇଂ ବିନୋଦ ଦାସ, ଜଳସମ୍ପଦ ବିଭାଗ ସହସହକାରୀଯନ୍ତ୍ରୀ ଇଂ ମନୋରଞ୍ଜନ ସାହୁ, ପଟ୍ଟାମୁଣ୍ଡାଇ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଇଂ ସୁଦାମ ସାହୁ,ଏସ ଡି ପି ଓ କ୍ଷମା ସାଗର ପଣ୍ଡା ମୁଖ୍ୟ ଚିକିତ୍ସାଧିକାରୀ ଡା ନିରାକାର ପରିଡା,ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଚନ୍ଦ୍ରଶେଖର ତ୍ରିପାଠୀ,ଆଦର୍ଶ ଥାନା ଅଧିକାରୀ ରଂଜିତ କୁମାର ମହାନ୍ତି,ସିଡିପିଓ ମନୋରମା ସ୍ୱାଇଁ,ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଟି,ଅତିରିକ୍ତ ଜିଲ୍ଲା ସମ୍ପ୍ରସାରଣ ଅଧିକାରୀ ସୁରମା ମହାପାତ୍ର,ମିଶନଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ଜୀବିକା ମିଶନ ସଂଯୋଜିକା ସୁଶ୍ରୀ ସଂଗୀତା ଭୂୟାଁ, ବି ଏସ ଏସ ଓ ଅନନ୍ତ ବିଶ୍ୱାଳ ପି ଏଚ ଓ ନୃସିଂହ ଦାସ ପ୍ରମୁଖ ଜିଲ୍ଲା ଓ ବ୍ଲକ ସ୍ତରୀୟ ପ୍ରଶାସନିକ ଅଧିକାରୀ ଯୋଗ ଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ । ଏହି ଶିବିରରେ ଆଗତ ୮୨ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଥିଲା ।ଶେଷରେ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

**● ରାଜ୍ୟସ୍ତରୀୟ ମହାବୀର ଚ୍ୟାଲେଞ୍ଜ ଟ୍ରଫି**

## କଟକକୁ ହରାଇ ସେମିଫାଇନାଲ୍‌ରେ ବରୀ

**ରାଜନଗର,୮ ।୧(ସମିସ):** ମଦନପୁର ଖେଳ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ମହାବୀର ଚ୍ୟାଲେଞ୍ଜ ଟ୍ରଫିର ଦ୍ୱିତୀୟ କ୍ୱାର୍ଟରଫାଇନାଲରେ କଟକର ବିଶ୍ୱଭାରତୀ କ୍ରିକେଟ କ୍ଲବକୁ ୫ ୱିକେଟରେ ହରାଇ ଇଲେଭେନ କ୍ରିକେଟ କ୍ଲବ ବରୀ ବିଜୟୀ ହୋଇଛି। ପ୍ରଥମେ ଟସ୍ ଜିତି ବରୀ ବୋଲିଂ କରିବାକୁ ନିଷ୍ପତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ୧୬.୫ ଓଭରରେ କଟକ ସମସ୍ତ ଉଇକେଟ ହରାଇ ୧୮୦ ରନ କରିଥିଲା। ଦଳର ସ୍ୱାଧୀନ ସାମଲ ୩୫ ବଲରୁ ୭୪ ରନ କରିଥିଲେ। ବରୀର ପ୍ରକାଶ ସାମଲ ୩.୫ ଓଭରରେ ୨୨ ରନ ଦେଇ ୬ ଉଇକେଟ ଅକ୍ତିଆର କରିଥିଲେ। ବରୀ ୧୩.୫ ଓଭରରେ ୫ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ୬ ୱିକେଟ ନେଇଥିବା ପ୍ରକାଶ ସାମଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଗତକାଲି ପ୍ରଥମ କ୍ୱାର୍ଟରରେ ନିମପୁର କ୍ରିକେଟ କ୍ଲବ ଜଗତପୁରକୁ ହରାଇ ବାଲାବାବା କ୍ରିକେଟ କ୍ଲବ କେନ୍ଦ୍ରାପଡା ବିଜୟୀ ହୋଇଥିଲା। ଚଳିତବର୍ଷ ଆୟୋଜକ ମହାବୀର ଯୁବକ ସଂଘର ସକ୍ରିୟ ସଦସ୍ୟ ବନୋଜ ସାହୁଙ୍କ ସ୍ମୃତିରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ମହାବୀର ଯୁବକ ସଂଘର ସଭାପତି ଆଶିଷ କୁମାର ରାଉଳ, ଉପସଭାପତି ଶଶଧର ପ୍ରଧାନ, ସଂପାଦକ ପ୍ରକାଶ ବେହେରା, ମ୍ୟାନେଜର ସଚିଦାନନ୍ଦ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକମେଳାର ୩ୟ ସନ୍ଧ୍ୟାରେ କବି ସମ୍ମିଳନୀ**

## 'କବିଟିଏ ଉଚ୍ଚାଭିଳାଷୀ ନୁହେଁ, ଆତ୍ମାଭିଳାଷୀ ଓ ହୃଦୟାଭିଳାଷୀ'

କେନ୍ଦ୍ରାପଡା,୮।୧(ସମିସ)

ଜିଲ୍ଲା ପ୍ରଶାସନ ସହଯୋଗୀତାରେ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ ପକ୍ଷରୁ ମହିପାଳ ଟେଲିକମ ଗ୍ରାଉଣ୍ଡରେ ଆୟୋଜିତ ଏକବିଂଶ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକମେଳାର ତୃତୀୟ ସନ୍ଧ୍ୟାରେ ସ୍ୱତନ୍ତ୍ର ବହୁଭାଷୀ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ସୁନାମଧନ୍ୟା କବି ଅପର୍ଣ୍ଣା ମହାନ୍ତି ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ କବିଟିଏ ଉଚ୍ଚାଭିଳାଷୀ ନୁହେଁ, ସେ ଆତ୍ମାଭିଳାଷୀ ଓ ହୃଦୟାଭିଳାଷୀ ମଧ୍ୟ। ହୃଦୟ ଓ ଆତ୍ମାକୁ ଏକ କରି କବି କେବଳ ଶାନ୍ତି ଓ ସୌହାର୍ଦ୍ଦ୍ୟର ପଥ ଉନ୍ମୋଚନ କରେ। ଉକ୍ତ ଆସରରେ ବିଶିଷ୍ଟ କବି ସୁରେଶ ନାୟକ, ଅମୀୟ



ରଞ୍ଜନ ମହାପାତ୍ର, ମହମ୍ମଦ ଇନାୟତ ଅଲି ଖାଁ, ଖଗେଶ୍ୱର ମହାନ୍ତି ଯୋଗ ଦେଇଥିବା ବେଳେ ଇଂରାଜୀ ଭାଷାରୁ . ଯତିନ୍ଦ୍ର ରାଉତ ଓ ଆଲୋକ ରାୟ ତଥା ହିନ୍ଦୀ ଭାଷାରୁ ଆଞ୍ଜୁମାନ ଆରା ଓ ନଫିସ ଦଶନବି ଯୋଗଦେଇ କବିତା ପରିବେଷଣ କରିଥିଲେ। ସେହିପରି ସଂସ୍କୃତ ଭାଷାରୁ ପଣ୍ଡିତ କିଶୋର ମିଶ୍ର ଓ ପଣ୍ଡିତ ପ୍ରତାପ ପତି ତଥା ଉର୍ଦ୍ଦୁ ଭାଷାରୁ ଶାକୀର ୱାର୍ଶୀ ଓ ନୁର ଇଲାହି ନାତିକ ପ୍ରମୁଖ ଯୋଗଦେଇ ସୃଜନଶୀଳ କବିତା ପରିବେଷଣ କରିଥିଲେ। କବି ନବଜ୍ୟୋତି ରାୟ ଉକ୍ତ ଆସରର ସଂଯୋଜନା କରିଥିବା ବେଳେ କେମର ସଭାପତି ଇଂ ଅକ୍ଷୟ କୁମାର ପାଣି ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସମ୍ପାଦକ ମହମଦ ଜାହିଦ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପୂର୍ବରୁ ନିଉ ଷ୍ଟାର ଡ୍ୟାନ୍ସ ଏକାଡେମୀ ଓ ସାରସ୍ୱତ ଆସର ପରେ ପରେ ନୂପୁର ନୃତ୍ୟ ସଂଗୀତ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ ବିଚିତ୍ରା ପରିବେଷଣ କରାଯାଇଥିଲା। ପୂର୍ବାହ୍ନରେ କେମ ପକ୍ଷରୁ ଇଂରାଜୀ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗୀତାରେ ସ୍କୁଲ ଓ ମହାବିଦ୍ୟାଳୟରୁ ୩୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀମାନେ ଯୋଗଦେଇଥିଲେ। ୩ୟ ଦିନରେ ବହି କିଣିବାକୁ ପାଠକ ଓ ବିଭିନ୍ନ ସ୍କୁଲ କଲେଜ ବିଦ୍ୟାର୍ଥୀଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଆଜିର ଏହି ମେଳାକୁ ପ୍ରତାପ ସ୍ୱାଇଁ, ଶେଷଦେବ ଦାସ, ଉପଦେଷ୍ଟା ଶିବ ନାରାୟଣ ସାମଲ,ତାରିଣୀ ପାଟଯୋଶୀ, କ୍ଷୀରୋଦ କର, ବଂଶୀଧର ମହାନ୍ତି, ଦିଲ୍ଲୀପ ସାହୁ, ଅରୁଣ ସାହୁ, ସରୋଜକାନ୍ତ ସାହୁ, ପ୍ରଦ୍ୟୁମ୍ନ ବେହୁରା, ଶାନ୍ତନୁ ମଲ୍ଲିକ,ବିକାଶ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।




ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.
Contact
Sd/- Secretary
9438477846/9438160121/9337006245

### ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ନିମ୍ନମାନର ଆଉଟ୍‌ଡୋର ନିର୍ମାଣକୁ ନେଇ ଅସନ୍ତୋଷ





**ଗରଦପୁର, ୮।୧(ସମିସ):**

ବହୁବାର ସମସ୍ୟା ପରେ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ନୂତନ ଆଉଟ୍‌ଡୋର ପାଇଁ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସରକାର ପ୍ରଦାନ କରିଛନ୍ତି। ଆର୍‌ଆଣ୍ଡବି ବିଭାଗ କାର୍ଯ୍ୟ ହେଉଥିବା ଏହି କଂକ୍ରିଟ ବିଲ୍‌ଡିଂ କାମ ଆରମ୍ଭରୁ ନିମ୍ନମାନର ହେଉଥିବା ଦେଖିବାକୁ ମିଳିଛି। ପ୍ରଥମେ ପାଇଲିଂ କରି ପିଲର କରାଯାଉଛି। ହେଲେ ଏଥିରେ ବ୍ୟବହୃତ ଗୋଡ଼ି ବାଲି ନିମ୍ନମାନର ସହ ଫେଣ୍ଟା ଯାଉଥିବା ଗୋଡ଼ି ସିମେଣ୍ଟରେ ପରିମାଣ ସଠିକ୍ ହେଉନଥିବା ଅଭିଯୋଗ ହେଉଛି। ଏହି କାର୍ଯ୍ୟ ସମୟରେ ବିଭାଗୀୟ ଯନ୍ତ୍ରୀଙ୍କୁ ଦେଖିବାକୁ ମଧ୍ୟ ମିଳୁନି। ଯାହାକି ଏତେ ଅର୍ଥ ବିନିଯୋଗରେ ନିର୍ମାଣ ହେଉଥିବା କାମର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ମେଡିକାଲ କର୍ତ୍ତୃପକ୍ଷ କାମ ମଧ୍ୟ ବନ୍ଦ କରିଦେଇଥିଲେ। ଠିକାଦାର ଠିକ୍ କାମ କରିବାର ପ୍ରତିଶ୍ରୁତି ଦେଇ କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ କାମ ଯେଉଁ ନିମ୍ନମାନର ହେଉଥିଲା ସେହିଭଳି ପୁଣିଥରେ ହେଉଛି। ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସରକାର ଯେଉଁ ଅର୍ଥ ବ୍ୟୟ କରୁଛନ୍ତି ତାହା ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନର ବଛା ବଛା ଅଧିକାରୀ ହାତଗୁଞ୍ଜା ନେଇ ଏହି କାର୍ଯ୍ୟ କରାଉଛନ୍ତି। ବିଭାଗୀୟ ଅଧିକାରୀ ଏବଂ ଠିକାଦାର ପ୍ରକଳ୍ପ ବାବଦ ଅର୍ଥ ହରିଲୁଟ କରୁଥିବା ଗ୍ରାମବାସୀ ଅଭିଯୋଗ କରିବା ସହ ଆଗାମୀ ଦିନରେ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସହ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଜବାଜ ହେଉଛନ୍ତି।

# ଅର୍ଥ ଅଭାବ; କର୍କଟ ସହ ଲଢୁଛନ୍ତି ଆଶାଲତା

**କୁଜଙ୍ଗ, ୮।୧(ସମିସ):** ଦାରିଦ୍ର୍ୟ, ରୋଗ ଯନ୍ତ୍ରଣା ଓ ସକଳ ଅଭାବ ସତ୍ତ୍ୱେ କର୍କଟ ପରି ଦୂରାରୋଗ୍ୟ ସହ ଲଢୁଛନ୍ତି କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତ ଚାନ୍ଦପୁର ନିବାସୀ ଆଶାଲତା ଗୋଛାୟତ। ତିର୍ତ୍ତୋଲ ବ୍ଲକ ଶଙ୍ଖେଶ୍ୱରର ଗୋପାଳପୁର ମୂଳବାସିନ୍ଦା କାହ୍ନୁଚରଣ ଗୋଛାୟତଙ୍କ ପତ୍ନୀ ଆଶାଲତା। ପରିବାର କହିଲେ କାହ୍ନୁ ଚରଣ ଗୋଛାୟତ(୫୦), ପତ୍ନୀ ଆଶାଲତା(୪୫) ଓ ୨ ପୁଅ। ନିଜ ପୈତୃକ ଘରେ ବିଭିନ୍ନ ସମସ୍ୟା ହେବାରୁ କାହ୍ନୁ ନିଜର ସମ୍ପର୍କୀୟଙ୍କ ଜରିଆରରେ ପଙ୍କପାଳ ପଞ୍ଚାୟତ ଚାନ୍ଦପୁର ଦଳିତ ବସ୍ତିରେ ଦୀର୍ଘ ୧୨ ବର୍ଷ ହେବ ଏକ ଛୋଟ ଜାଗା କିଣି



ଚାଳଘର କରି ବସବାସ କରିଆସୁଛନ୍ତି। ଯଦିଓ ସେ ପଙ୍କପାଳ ପଞ୍ଚାୟତରେ ରହୁଛନ୍ତି ମାତ୍ର ତାଙ୍କର ଭୋଟର ତାଲିକା ନିଜ ଗାଁ ଶଙ୍ଖେଶ୍ୱରରେ ରହୁଥିବାରୁ ଆଜି ସୁଧା ପକ୍କା ଘରଟିଏ କରିପାରି ନାହାଁନ୍ତି। ଗୋଟିଏ ମାତ୍ର ନୁଆଁଣିଆ ଚାଳଘରେ ଦୁଇ ପୁଅ, ବୋହୂଙ୍କ ସହ ଏହି ଅଭାବୀ ଦମ୍ପତି ରୁହନ୍ତି। ଘରେ କବାଟଟିଏ ମଧ୍ୟ ନାହିଁ। ଦିନରେ ଖରା ଓ ରାତିରେ କୁହୁଡି ଚାଳଘର ଭିତରେ ପଡୁଥିବାବେଳେ ରୋଗ ଯନ୍ତ୍ରଣାରେ ଜୁଝି ହେଉଥିବା ଏହି ଅଭାବୀ ପରିବାର କେବଳ ସରକାରୀ ରାସନ କାର୍ଡରୁ ମିଳୁଥିବା ଚାଉଳ ଉପରେ ନିର୍ଭର କରି ଚଳିଯାଉଛନ୍ତି। ମୂଲ ମଜୁରି ଲାଗି ପରିବାର ପ୍ରତିପୋଷଣ କରିଆସୁଥିବା କାହ୍ନୁ ମଧ୍ୟ ପତ୍ନୀର ରୋଗ ଚିକିତ୍ସାରେ ମୂଲ ଲାଗିବାକୁ ଯାଉପାରୁନଥିବା କହିଛନ୍ତି। ଏଥିସହ ସବୁବେଳେ କାମଧନ୍ଦା ମଧ୍ୟ ମିଳୁନାହିଁ। ଯଦିଓ ସ୍ୱାସ୍ଥ୍ୟକାର୍ଡ ଯୋଗୁ ଏବେ କେମୋ ନେବା ସହଜ ହେଉଛି, ମାତ୍ର ଭୁବନେଶ୍ୱର ବସ୍ କିମ୍ବା ରେଳରେ ଅସୁସ୍ଥ ଆଶାଲତା ଯାଇପାରୁନାହାନ୍ତି। ଗାଡି ଭଡା କରି ନେବା ଖର୍ଚ୍ଚ ବହୁଳ ହେଉଛି। ଏହାସତ୍ତ୍ୱେ ମଧ୍ୟ ଆଶା ହରାଇ ନାହାନ୍ତି ଆଶାଲତା। ଏକ ବିଷମ ରୋଗ ସହ ଲଢେଇ ଜାରି ରଖିଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି କିମ୍ବା ସଂଗଠନ ଉତ୍ତମ ପରିବେଶ ଓ ପୁଷ୍ଟିକର ଖାଦ୍ୟ ଯୋଗାଣ ବ୍ୟବସ୍ଥା କରିଦିଅନ୍ତେ ତେବେ ଆଶାଲତାଙ୍କ ମଉଳି ଯାଉଥିବା ଆଶା ପୁଣି ଥରେ ଉଜ୍ଜିବୀତ ହୋଇ ଉଠନ୍ତା ବୋଲି କହିଛନ୍ତି ପଙ୍କପାଳର ପୂର୍ବତନ ନାଏବ ସରପଞ୍ଚ କିଶୋର କୁମାର ପରିଡ଼ା।

## ସାହିତ୍ୟସଭା ଓ କବିତା ପାଠୋତ୍ସବ

**ଏରସମା, ୮।୧(ସମିସ):** ଏରସମା ବ୍ଲକ ବଳେଇପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀଚନ୍ଦନପୁର ସ୍ଥିତ ମା' ସାରଳା ମନ୍ଦିର ପ୍ରାଙ୍ଗଣରେ ଏକ ସାହିତ୍ୟ ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। ଦୁର୍ଯ୍ୟୋଧନ ସାହିତ୍ୟ ସଂସଦ ସିଂହପୁର-ନଳକଣି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଂସଦର ସଭାପତି ନିରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଚଟୁଆ ବେଡିମଠ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପରିଷଦ ସମ୍ପାଦକ ଡମ୍ବରୁଧର ସ୍ୱାଇଁ, କବି ଜୟୀରାମ ସାହାଣୀ, ଭୁବନାନନ୍ଦ ମହାନ୍ତି, ବିଶ୍ୱମ୍ବର ଚୌଧୁରୀ ଓ ଆଡ଼ଭୋକେଟ ସୁଶାନ୍ତ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସଂସଦର ସମ୍ପାଦକ ପ୍ରଶାନ୍ତ ମହାପାତ୍ର ଅତିଥ ପରିଚୟ ପ୍ରଦାନ ସହ ଭାଗବତ ସେଠି ଧନ୍ୟବାଦ ଦେଇଥିଲେ। କବି ରବୀନ୍ଦ୍ର ଦାସଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ପ୍ରେମଶୀଳା ରାଉତ, ଲିପ୍ସାରାଣୀ ପାଲ୍, ସାରଦା ମହାନ୍ତି, ଅଭୟ ଖଟୁଆ, ନିର୍ଭୟ ଦଳାଇ, ସନ୍ତୋଷ ରାଉତ, ଧୂଳି ମଲ୍ଲିକ, ବିଚିତ୍ର ସ୍ୱାଇଁ ଓ ଲିଟୁ ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

## ଶ୍ରୀବାଣୀ ସମ୍ମାନ ପ୍ରଦାନ ଉତ୍ସବ



**ବାଲିକୁଦା, ୮ ।୧(ସମିସ):** ବାଲିକୁଦା ବ୍ଲକ ଆମ୍ବଶାଳ ପଞ୍ଚାୟତର କଲ୍ୟାଣମଣ୍ଡପ ପରିସରରେ ଗୋବିନ୍ଦ ଦାସ ଫାଉଣ୍ଡେସନ ପକ୍ଷରୁ ଶ୍ରୀ ବାଣୀ ଶିକ୍ଷା ସମ୍ମାନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ବର୍ଦ୍ଧନା କମିଟି ସଭାପତି କୈଳାଶ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଲେଖକ ଦାଶ ବେନହୁର, ମୁଖ୍ୟ ବକ୍ତା ଭାବେ ବାଲିକୁଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ଜଟାଧାରୀ ଦାସ, ରୁନିଲତା ବେହେରା, ଡଲି ପଣ୍ଡା, ସମ୍ବର୍ଦ୍ଧନା କମିଟି ସମ୍ପାଦକ ଅରୁଣ କୁମାର ମହାନ୍ତି, ଗୋବିନ୍ଦ ଦାସ ଫାଉଣ୍ଡେସନର ଟ୍ରଷ୍ଟି ପ୍ରଫେସର ଜ୍ୟୋତିରଞ୍ଜନ ଦାସ, ଆମ୍ବଶାଳ ସରପଞ୍ଚ ଆଲୋକ ସ୍ୱ।।ଇଁ, ବାହାରଣା ସରପଞ୍ଚ ମାନସ ରଞ୍ଜନ ପରିଡ଼ା ପ୍ରମୁଖ ଯୋଗ ଦେଇ ଶିକ୍ଷା ବାବଦରେ ଆଲୋଚନା କରିଥିଲେ। ଏହି ଅବସରରେ ବାଲିକୁଦା ଓ ଏରସମା ବ୍ଲକର ଅବସରପ୍ରାପ୍ତ ସୁନାମଧନ୍ୟ ଶିକ୍ଷକ ଜଗତ ପ୍ରସାଦ ମହାନ୍ତି, ବିଜୟଲକ୍ଷ୍ମୀ ପଟ୍ଟନାୟକ, କ୍ଷେତ୍ରମୋହନ ମହାନ୍ତି, ଧ୍ରୁବଚରଣ ସାହୁ, ନିରଞ୍ଜନ ପଣ୍ଡା, ମହେଶ ଚୌଧୁରୀ, ଭଗବାନ ମହାନ୍ତି, ମନୁ ଚରଣ ନାୟକ, ଗନ୍ଧର୍ବ ଚରଣ ସାହୁ, ଭଗବାନ ଦାସ ଏରସମା ବ୍ଲକର ବିଚିତ୍ରା ନନ୍ଦ ଦାସ, ଅଭୟ କୁମାର ପ୍ରଧାନ, ଅକ୍ଷୟ କୁମାର ଖୁଣ୍ଟିଆ, ବସନ୍ତ କୁମାର ଦାସ, ପ୍ରଭାକର ନାୟକ, ନିକୁଞ୍ଜ ସେବକ ଜେନା, ରବି ନାରାୟଣ ନାୟକ ବୈଷ୍ଣବ ଚରଣ ନାୟକ, ଅକ୍ଷୟ କୁମାର ବାରିକ, ମଦନ କୁମାର ମୁଦୁଲି ପ୍ରମୁଖ ଶିକ୍ଷକ ଏବଂ ଚଳିତ ଶିକ୍ଷା ବର୍ଷ ମାଟ୍ରିକ ପରୀକ୍ଷାରେ ବାଲିକୁଦା ବ୍ଲକ ଟପ୍ପର ଛାତ୍ରୀ ସୁଶ୍ରୀ ଅଭାମୟୀ ଜେନା ଓ ଏରସମା ବ୍ଲକ ଟପ୍ପର ଛାତ୍ରୀ ଋତୁପର୍ଣ୍ଣା ମଲ୍ଲଙ୍କୁ ଶ୍ରୀ ବାଣୀ ଶିକ୍ଷା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଯୁବ ସମାଜସେବୀ କମଳାକାନ୍ତ ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜଟାଧାରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସନ୍ଥ ସନାତନ ରାମଦାସଙ୍କ ବାର୍ଷିକ ମହୋତ୍ସବ

**ପଞ୍ଚୁପାଣ୍ଡବ, ୮।୧(ସମିସ):** ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ଘଣ୍ଟପଦା ଲଣ୍ଡାପଡ଼ିଆ ଆଶ୍ରମରେ ସନ୍ଥ ମହାପୁରୁଷ ସନାତନ ରାମଦାସଙ୍କ ତୃତୀୟ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମଠ ପରିସରରେ ତ୍ରିଦିବସୀୟ ଗୁରୁ ଗାୟତ୍ରୀ ମହାଯଜ୍ଞ ଓ ୨୫ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ୪ ତାରିଖ ଗୁରୁବାର ଶୁଭ କଳସ ଶୋଭାଯାତ୍ରା ଓ ୨୪ ପ୍ରହର ନାମଯଜ୍ଞର ଶୁଭାଧିବାସ ହୋଇଥିଲା। ୩ଦିନ ବ୍ୟାପୀ ନାମଯଜ୍ଞ ଅନୁଷ୍ଠିତ ହୋଇ ପୂର୍ଣ୍ଣାହୂତୀ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲା ବେଳେ ସନ୍ଧ୍ୟାରେ ସମାଜସେବୀ ମଧୁମିତା ଅଗ୍ରୱାଲ ଯୋଗ ଦେଇଥିଲେ। ସୋମବାର ପ୍ରଭାତରେ ନାମଯଜ୍ଞ ଶେଷ ସହ ନଗର କୀର୍ତ୍ତନ ଅନୁଷ୍ଠିତ ହୋଇଛି।

## ଜନତା ନୋଡାଲ ସ୍କୁଲ୍‌ର ବାର୍ଷିକ କ୍ରୀଡ଼ା

**ଗୋବିନ୍ଦପୁର, ୮।୧(ସମିସ):** ଆଳି ବ୍ଲକ ପାଳିମୀ ଗ୍ରାମର ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଶୁଭସ୍ମିତା ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଗ୍ରାମ୍ୟବ୍ୟାଙ୍କ ପୂର୍ବତନ ଶାଖା ପରିଚାଳକ ଦିଲୀପ କୁମାର ଦାସ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ସରୋଜ କାନ୍ତ ସାହୁ, ସ୍କୁଲର ଏସ୍‌ଏମ୍‌ସି ସଭାନେତ୍ରୀ, ସଭ୍ୟସଭ୍ୟା ଓ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଉପସ୍ଥିତରେ ବିଭିନ୍ନ ଖେଳରେ କୃତି ଛାତ୍ରଛାତ୍ରୀମାନଙ୍କୁ ସିଲ୍ ପ୍ରଦାନ କରାଯାଇଥିଲା। ସିନିଅର ଛାତ୍ରଛାତ୍ରୀ ଚାମ୍ପିଅନଙ୍କୁ ୩ ହଜାର ଟଙ୍କା ଓ ଜୁନିଅର ଚାମ୍ପିଅନଙ୍କୁ ୨ହଜାର ଟଙ୍କା ବସନ୍ତ ମଞ୍ଜରୀ ଟ୍ରଷ୍ଟର ପରିଚାଳକ ଦୁର୍ଗାପ୍ରସାଦ ଦାସଙ୍କ ତରଫରୁ ପ୍ରଦାନ କରାଯାଇଥିଲା।

## କାଟଣାବଣିଆଁ ପାକ୍ସରେ ଧାନମଣ୍ଡି ଉଦ୍‌ଘାଟିତ

**ରାଜକନିକା, ୮ ।୧(ସମିସ):** ଗତ ସପ୍ତାହରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଧାନମଣ୍ଡି ଖୋଲାଯାଇଥିବାବେଳେ ଆଜି ରାଜକନିକା ବ୍ଲକରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ବ୍ଲକର ୧୬ଟି ପାକ୍ସ ରହିଥିବାବେଳେ ଆଜି ଅଧିକାଂଶ ସମିତିରେ ଧାନମଣ୍ଡି ଉଦଘାଟିତ ହୋଇଛି। ଜାନୁଆରୀ ପ୍ରଥମ ସପ୍ତାହରୁ ମାର୍ଚ୍ଚ ୩୧ ତାରିଖ ଯାଏ ଟାର୍ଗେଟ ଆଧାରରେ ସପ୍ତାହର ୩ ଦିନ ଧାନ ସଂଗ୍ରହ କରାଯିବ ବୋଲି ସୂଚନା ମିଳିଛି। ଆଜି ଚାରିପୋଖରିଆରେ ଥିବା କାଟଣାବଣିଆଁ ପାକ୍ସରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକ ସଞ୍ଜୟ କୁମାର ମହାପାତ୍ର, ସମ୍ପାଦକ ସଞ୍ଜୟ କୁମାର ବିଶ୍ୱାଳ, ସଭାପତି ରମାକାନ୍ତ ରାଉତଙ୍କ ଉପସ୍ଥିତିରେ ଧାନ ମଣ୍ଡିରେ ଚାଷୀଙ୍କ ଠାରୁ ଧାନ ସଂଗ୍ରହର ଶୁଭାରମ୍ଭ କରାଯାଇଛି। ଏହି ଉଦଘାଟନରେ ଧାନ ଓଜନ କଣ୍ଟା ସହ ବିଭିନ୍ନ ପରିମାପକ ଯନ୍ତ୍ରପାତି କୁ ପୂଜାର୍ଚ୍ଚନା କରାଯାଇଥିଲା। ଚାଷୀ କିଶୋର ଚନ୍ଦ୍ର ରାଉତ, ହୃଷିକେଶ ନାୟକ, ପ୍ରଦୀପ୍ତ ରାଉତ, କଳାକାର ନାୟକ, ଧନେଶ୍ୱର ନାୟକ, ବିଜୟ ଲେଙ୍କା, ହେମନ୍ତ ପ୍ରଧାନ, ପରିଚାଳନା କମିଟି ସଦସ୍ୟ ପ୍ରଫୁଲ ମଲିକ, ରଞ୍ଜନ କୁମାର ମଲିକ, ଶତ୍ରୁଘ୍ନ ନାୟକ, ପୂର୍ବତନ ସଭାପତି ନାଗାର୍ଜୁନ ରାଉତ ଙ୍କ ସମେତ ସମିତିର ସହ ସମ୍ପାଦକ ଶ୍ରୀଚରଣ ବେହେରା, ଡିଇଓ ରାଜା ଅବିନାଶ ଜେନା, କର୍ମଚାରୀ ରଞ୍ଜନ ବେହେରା, କାର୍ତ୍ତିକ ପରିଡ଼ା ଉପସ୍ଥିତ ଥିଲେ।

## ଗରେଇ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**କୁଜଙ୍ଗ, ୮।୧(ସମିସ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗରେଇ ସରକାରୀ ଉଚ୍ଚ ବିଦ୍ୟାଳର ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ପାଣିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିବା ବେଳେ ବିଦ୍ୟାଳୟର ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ପ୍ରାକ୍ତନ ସରପଞ୍ଚ ଦିବଂଗତ ବଂଶୀଧର ଆଚାର୍ଯ୍ୟଙ୍କ ସ୍ମୃତିରେ ବିଦ୍ୟାଳୟର ଶ୍ରେଷ୍ଠ ୩ଜଣ ବିଦ୍ୟାର୍ଥୀଙ୍କୁ ମାନପତ୍ର, ଅର୍ଥରାଶି ସହ ପ୍ରତିବର୍ଷ ତାଙ୍କ ପକ୍ଷରୁ ସମ୍ମାନୀତ କରାଯିବ ବୋଲି ଘୋଷଣା କରିଥିଲେ। ମୁଖ୍ୟବକ୍ତା ରୂପେ ଶିକ୍ଷାବିତ୍ ଭାବଗ୍ରାହୀ ମିଶ୍ର କ୍ରୀଡା ସହ ଅଧ୍ୟାତ୍ମିକତା ଉପରେ ଗୁରୁତ୍ୱ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ଗରେଇ ସରପଞ୍ଚ ଦିପ୍ତୀରେଖା ଲେଙ୍କା, ଗରେଇ ସିଆର୍‌ସିସି ରୁଦ୍ରପ୍ରସାଦ ନନ୍ଦ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଦାସ, ପ୍ରାକ୍ତନ ଛାତ୍ର ମଧୁସୂଦନ ନନ୍ଦ, ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁନ୍ତଳା ଦାଶ, ଚନ୍ଦାପାଟ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମିୟ କୁମାର ଜେନା, ବିଜୟ ଲକ୍ଷ୍ମୀ ଦାଶ ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

## ନାରାୟଣ ଗୋସ୍ୱାମୀଙ୍କ ତିରୋଧାନ ଉତ୍ସବ

**କେନ୍ଦ୍ରାପଡ଼ା, ୮।୧(ସମିସ):** କେନ୍ଦ୍ରାପଡ଼ା ସହରର ଶ୍ରୀବଳଦେବଜୀଉ ଗୌଡୀୟ ସମ୍ପ୍ରଦାୟର ଭକ୍ତମାନଙ୍କ ଦ୍ୱାରା ଗୁରୁ ପାଦପଦ୍ମ ବିଶ୍ୱ ଗୌଡୀୟ ରାଜସଭାର ଅନ୍ତର୍ଜାତୀୟ ବୈଷ୍ଣବଧର୍ମ ପ୍ରଚାରକ ଯୁଗାଚାର୍ଯ୍ୟ ଶ୍ରୀମଦ୍ ଶ୍ରୀଲ ଭକ୍ତିବେଦାନ୍ତ ନାରାୟଣ ଗୋସ୍ୱାମୀ ଗୁରୁ ମହାରାଜାଙ୍କ ୧୩ତମ ତିରୋଭାବ ବିରହ ମହୋତ୍ସବ ଏବଂ ପରମପୂଜ୍ୟ ବେଦାନ୍ତ ବାମନ ଗୋସ୍ୱାମୀ ଗୁରୁ ମହାରାଜାଙ୍କ ୧୦୨ତମ ଶୁଭ ଆବିର୍ଭାବ ମହୋତ୍ସବ ଇଛାପୁରସ୍ଥିତ ଶ୍ରୀବଳଦେବଜୀଉଙ୍କ ଯାତ୍ରୀନିବାସରେ ପାଳିତ ହୋଇଯାଇଛି। ବୃନ୍ଦାବନର ନରହରି ଦାସ ବ୍ରହ୍ମଚାରୀଙ୍କ ଦ୍ୱାରା ଅନୁଷ୍ଠିତ ପୂଜାର୍ଚ୍ଚନା, ସତସଙ୍ଗ, ପ୍ରବଚନ ଓ ନାମସଂକୀର୍ତ୍ତନ ଉତ୍ସବ ପରିଚାଳନାରେ ସଭାପତି ରାଜକିଶୋର ମହାନ୍ତି, ସମ୍ପାଦକ ରବୀନ୍ଦ୍ରନାଥ ମହାନ୍ତି, ଉପସଭାପତି ପ୍ରଦୀପ୍ତ ଦାଶ, କୋଷାଧ୍ୟକ୍ଷ ରତ୍ନାକର ରାଉତ, ସହ ସମ୍ପାଦକ କୁଞ୍ଜ ବିହାରୀ ନାୟକ, ଇଚ୍ଛାମୟୀ ପଣ୍ଡା, ସୁକାନ୍ତୀ ପତ୍ରୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପୂର୍ଣ୍ଣାହୂତି ପୂର୍ବକ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା।

## 'ସପନ ଆଣିବ ନୂଆ ସକାଳ' ନାଟକ ମଞ୍ଚସ୍ଥ



**ପଟ୍ଟାମୁଣ୍ଡାଇ, ୮ ।୧(ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଗ୍ରଣୀ ସାଂସ୍କୃତିକ ଓ ସମାଜ କଲ୍ୟାଣ ପରିଷଦ ଉଲ୍ଲାସ ନାଟ୍ୟ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ଏହି ଉପଲକ୍ଷେ ଉଲ୍ଲାସର ଉପସଭାପତି କ୍ୟାପଟେନ ମନୋଜ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ ମୁଖ୍ୟଅତିଥି ଓ ପଟ୍ଟାମୁଣ୍ଡାଇ ବ୍ଲକର ପୂର୍ବତନ ଅଧକ୍ଷ ନିଶିକାନ୍ତ ପ୍ରଧାନ ମୁଖ୍ୟବକ୍ତା ଓ ପ୍ରସିଦ୍ଧ ନାଟ୍ୟକାର ଅଧ୍ୟାପକ ଗୋଲକ ମହାରଣା ସମ୍ମାନିତଅତିଥି ଭାବେ ଯୋଗ ଦେଇ କଳା ସଂସ୍କୃତି ଓ ସାହିତ୍ୟ ଅଞ୍ଚଳର ଗୌରବମୟ ଇତିହାସର ମୁକସାକ୍ଷୀ ବୋଲି ମତପ୍ରକାଶ କରିବା ପଟ୍ଟାମୁଣ୍ଡାଇ ଅଞ୍ଚଳର କଳା ସଂସ୍କୃତି ଓ ସାହିତ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ସବୁସ୍ତରରେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ ଓ ଉଲ୍ଲାସ ସହସମ୍ପାଦକ ପ୍ରମୋଦ ସାହୁ ସ୍ୱାଗତଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିଲେ ଓ ଶେଷରେ କୋଷାଧକ୍ଷ ତପରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ ଓ ଆଳି ବେଲେଶ୍ୱରପୁର ମା ମଙ୍ଗଳା ଡ୍ରାମାଟିକ କ୍ଲବ ପକ୍ଷରୁ ନାଟ୍ୟକାର.ମନୋଜ ପଣ୍ଡାଙ୍କ ରଚିତ ଓ ଶ୍ରୀନାଥ ମଲ୍ଲିକଙ୍କ ନିର୍ଦ୍ଦେଶିତ ସପନ ଆଣିବ ନୂଆ ସକାଳ ନାଟକ ମଞ୍ଚସ୍ଥ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମକୁ ସଲିଲେନ୍ଦୁ ମହାନ୍ତି, ସଞ୍ଜୀବ କର, ଶ୍ରୀନିବାସ ପାଢ଼ୀ, ସଞ୍ଜୀବ ମଲ୍ଲିକ ପରିଚାଳନା କରିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

**ବାଲିକୁଦା, ୮।୧(ସମିସ):** ବାଲିକୁଦା ବ୍ଲକ ଅନ୍ତର୍ଗତ ବୋରିକିନା ଉଚ୍ଚ ବିଦ୍ୟାଳୟର ୧୯୭୨ ମସିହା ପୁରାତନ ଛାତ୍ରଛାତ୍ରୀ ମାନଙ୍କର ବନ୍ଧୁ ମିଳନ ଉତ୍ସବ ଗୋଡ଼ା ବୃନ୍ଦାବନ ବିହାରୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସହଦେବ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଦିବଂଗତ ବନ୍ଧୁ ମାନଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ବନ୍ଧୁମିଳନ ଉତ୍ସବରେ ସହଦେବ ବେହେରା, ଅବସରପ୍ରାପ୍ତ ଅଧ୍ୟାପକ ନାରାୟଣ ଶତପଥି, ପ୍ରମୋଦ ଷଡଙ୍ଗୀ, ଡଃ ବିଷ୍ଣୁ ଚରଣ ସ୍ୱାଇଁ, ବୈଦନାଥ ଆଚାର୍ଯ୍ୟ, ବଳରାମ ଦାସ, ଭ୍ରମରବର ସାହୁ, ବିଷ୍ଣୁଚରଣ ସ୍ୱାଇଁ, ଦେବେନ୍ଦ୍ରନାଥ ପରିଡ଼ା, ରବୀନ୍ଦ୍ରନାଥ ଦାଶ, ପ୍ରବୋଧ ମହାନ୍ତି, ଫଗୁ ଚରଣ ବାରିକ, ପ୍ରମୋଦ କୁମାର ଜେନା, କୈଳାସ ଚନ୍ଦ୍ର ଲେଙ୍କା ପ୍ରମୁଖ ଯୋଗଦେଇ ଅନୁଷ୍ଠିତ ଭାବ ବିନିମୟ ଉତ୍ସବରେ ପୁରାତନ ଛାତ୍ରଛାତ୍ରୀ ମାନେ ନିଜର ପୁରୁଣା ଦିନର ଅଭୁଲା ଅନୁଭୂତି ବର୍ଣ୍ଣନା କରିଥିଲେ।

## ସାରସ୍ୱତ ଶିଶୁମନ୍ଦିର ଛାତ୍ରୀଙ୍କ ସଫଳତା



**କୁଜଙ୍ଗ, ୮।୧(ସମିସ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ପୋଟାନଇ ପଞ୍ଚାୟତ ଭ୍ରମରକୋଲା ସ୍ଥିତ ସାରସ୍ୱତ ଶିଶୁ ମନ୍ଦିରର ଛାତ୍ରୀ ସ୍ଥିତି ପ୍ରଜ୍ଞା ମହାନ୍ତି ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ସଫଳତା ହାସଲ ନିଜ ପାଇଁ ତଥା ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି କୃତୀ ଛାତ୍ରୀ ଚନ୍ଦାପାଟ ନିବାସୀ ସୁଶାନ୍ତ କୁମାର ମହାନ୍ତି ଓ ଶୈଳବାଳା ମହାନ୍ତିଙ୍କ ଏକମାତ୍ର କନ୍ୟା ଅଟନ୍ତି। ପାଠ ପଢ଼ା ସହ ଭଲ ଚିତ୍ର କରିବା, ବକ୍ତୃତା ଓ ସଙ୍ଗୀତ ସହ ଅନ୍ୟାନ୍ୟ ବିଭାଗ ଓ କ୍ରୀଡାରେ ମଧ୍ୟ ଭଲ ପ୍ରଦର୍ଶନ କରିଆସୁଥିବା ଏହି ଛାତ୍ରୀଙ୍କ ସଫଳତା ପାଇଁ ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଅଚାର୍ଯ୍ୟ ସଞ୍ଜୟ କୁମାର ସ୍ୱାଇଁଙ୍କ ସହ ସମସ୍ତ ଗୁରୁଜୀ ଗୁରୁମା ମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ରାଜଗଡ଼-ବାଘଡିଆ ରାସ୍ତାର ଶିଳାନ୍ୟାସ

**ମହାକାଳପଡ଼ା, ୮।୧(ସମିସ):**



ମହାକାଳପଡ଼ା ବ୍ଲକ ରାଜଗଡ଼ ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ ବାଘଡ଼ିଆ ପର୍ଯ୍ୟନ୍ତ ସଂଯୋଗ କରିବା ପାଇଁ ରାସ୍ତା ନିର୍ମାଣର ଶୁଭାରମ୍ଭ ହୋଇଛି। ଖାଦ୍ୟ, ଯୋଗାଣ, ଖାଉଟି କଲ୍ୟାଣ, ସମବାୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଶିଳାନ୍ୟାସ କରିବା ସହିତ ଗ୍ରାମର ଦୁଇଜଣ ବୟସ୍କ ବ୍ୟକ୍ତିଙ୍କ ଜରିଆରେ ନଡ଼ିଆ ବାଡେଇ କାମର ଶୁଭାରମ୍ଭ କରିଥିଲେ। ରାଜ୍ୟ ସରକାରଙ୍କ ସିଏମଆରଏଲ ଯୋଜନାରେ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଜରିଆରେ ୨ କୋଟି ୫୬ ଲକ୍ଷ ଟଙ୍କା ବ୍ୟୟରେ ୩ କିଲୋମିଟର ୭୧୦ ମିଟର ଏହି ରାସ୍ତା ପିଚୁ ଓ ସିମେଣ୍ଟ ଢଳେଇ କାମ କରାଯିବ। ଏହି ରାସ୍ତା ସହିତ ବାଘଡ଼ିଆ ଦଶିପୁର ଗ୍ରାମ ନିକଟ ମଇଁଷି ଗୋଠ ପାଖରେ ଗୋବରୀ ନଦୀ ଉପରେ ଏକ ସେତୁ ନିର୍ମାଣ କରାଯିବାକୁ ଯୋଜନା ରହିଛି। ମାର୍ଶାଘାଇ ବାଘଡ଼ିଆର ପ୍ରସିଦ୍ଧ ଶକ୍ତିପୀଠ ମା' ଗୋଜବାୟାଣୀ ଶକ୍ତିପୀଠକୁ ଶ୍ରଦ୍ଧାଳୁଙ୍କ ଯାତାୟାତ ସୁଗମ ହେବ। ରାଜନଗର, ପଟ୍ଟାମୁଣ୍ଡାଇ ଅଞ୍ଚଳରୁ ମହାକାଳପଡ଼ାର ବାବର ଦେଇ ଏହି ପୀଠକୁ ରାସ୍ତା ହ୍ରାସ ଓ ସହଜ ହେବ। ଏଥିସହିତ ରାଜଗଡ଼ ପଞ୍ଚାୟତର ବିସ୍ତୀର୍ଣ୍ଣ ଚାଷଜମିକୁ କୃଷିଯନ୍ତ୍ର ଗାଡ଼ି ନେଇ ଚାଷ କାର୍ଯ୍ୟରେ ଲଗାଇ ହେବ। ଏହି ରାସ୍ତା ନିର୍ମାଣ ହେଲେ ସ୍ଥାନୀୟ ରାଜଗଡ଼ ପଞ୍ଚାୟତ ସମେତ ଅଳାଇଲୋ, ଦେଉଳପଡ଼ା ପଞ୍ଚାୟତ ଅଧିବାସୀଙ୍କ ମାର୍ଶାଘାଇ ଓ ମହାକାଳପଡ଼ା ଯାତାୟାତ ପାଇଁ ସୁବିଧା ହେବ। ମାର୍ଶାଘାଇ ବ୍ଲକର ଦଶିପୁର, ଦୁମୁକା ପଞ୍ଚାୟତ ସମେତ ମାର୍ଶାଘାଇ ଅଞ୍ଚଳର ଲୋକଙ୍କ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ରାଜଗଡ଼, ଅଳାଇଲୋ, ଦେଉଳପଡ଼ା, ବିଜୟନଗର, ବଡିହି, ସୁନୀତି ଆଦି ଅଞ୍ଚଳକୁ ରାସ୍ତାର ଦୂରତା ହ୍ରାସ ପାଇବ। ଏହି ରାସ୍ତାର ଶିଳାନ୍ୟାସ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ନାୟକଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ କେନ୍ଦ୍ରାପଡ଼ା ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ପ୍ରଧାନ, ସରପଞ୍ଚ ମମତା ସାମଲ, ପୂର୍ବତନ ଆମ୍ବ ଅଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ସାହୁ, ଯନ୍ତ୍ରୀ ଜ୍ଞାନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡି ନେତା ନଳିନୀ ପ୍ରଧାନଙ୍କ ଜଗନ୍ନାଥପୁର ପଞ୍ଚାୟତ ପରିଦର୍ଶନ



**ଜଗନ୍ନାଥପୁର, ୮।୧(ସମିସ)**

ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଜୋନ - ୧ ଜିଲ୍ଲା ପରିଷଦ ଅଧିନସ୍ଥ ଜଗନ୍ନାଥପୁର ପଞ୍ଚାୟତରେ ମୁଖ୍ୟମନ୍ତ୍ରୀଙ୍କ ନୂତନ ପରିକଳ୍ପନା ଏବଂ ଲୋକମାନଙ୍କ ପାଖକୁ ଯାଇ ସେମାନଙ୍କ ଦୁଃଖ ସୁଖର ସାଥୀ ହେବା ପାଇଁ ବିଜେଡି ନେତା ନଳିନୀ ପ୍ରଧାନଙ୍କ ଏହା ଏକ ଅଭିନବ ପ୍ରୟାସ ଥିଲା। ଲୋକମାନେ ନିଜ ପ୍ରିୟ ନେତା ନଳିନୀ ପ୍ରଧାନଙ୍କୁ ପାଇ ସେମାନଙ୍କ ଦୁଃଖ ଅସୁବିଧା ସବୁକୁ ଜଣାଇଥିଲେ।

ନଳିନୀ ପ୍ରଧାନ ମୁଖ୍ୟତଃ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡିକ କାର୍ଯ୍ୟକାରୀ ହୋଇଛି କି ନାହିଁ ଏବଂ ଉପଯୁକ୍ତ ହିତାଧିକାରୀ ଏହାର ଲାଭ ପାଇଛନ୍ତି କି ନାହିଁ ତାହାର ଅନୁଧ୍ୟାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ମିଶନ ଶକ୍ତି ମାଧ୍ୟମରେ ମହିଳା ମାନଙ୍କୁ ଅଗ୍ରାଧିକାର ଦେଇ ସେମାନଙ୍କ ଅସୁବିଧା ଗୁଡିକ ଦୂର କରିବା ପାଇଁ ପ୍ରୟାସ କରିବେ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମର ସାମୁହିକ କାର୍ଯ୍ୟ ଗୁଡ଼ିକ ଆଗେଇ ନେବା ପାଇଁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ (୧ ନମ୍ବର ଜୋନ) ବିନୋଦିନୀ ପ୍ରଧାନ, ଲୋଚନ ସାହୁ, ପ୍ରସନ୍ନ ବେହେରା, ଅଶୋକ ସାହୁ, ସୁନୀଲ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ଡକାୟତି ଉଦ୍ୟମ ପଣ୍ଡ

# ପୁଲିସ୍ କବ୍‌ଜାରେ ୩ ଦୁର୍ଦ୍ଧାନ୍ତ ଡକାୟତ

**ଢେଙ୍କାନାଳ, ୮।୧(ସମିସ)**



ଖଣ୍ଡା, ହାତବୋମା, ଲଙ୍କାଗୁଣ୍ଡ ସହିତ ବାଇକ୍ ଜବତ

ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ଅନ୍ତର୍ଗତ କଦମପାଳ ଗ୍ରାମରେ ଡକାୟତି ଯୋଜନା କରୁଥିବା ଏକ କୁଖ୍ୟାତ ଡକାୟତ ଦଳକୁ ପୁଲିସ କାବୁ କରିଛି। ସେମାନଙ୍କ ଠାରୁ ମାରଣାସ୍ତ୍ର ସହିତ ଖଣ୍ଡା, ବୋମା, ପିସ୍ତଲ ଆଦି ଜବତ କରାଯାଇଛି। ଡକାୟତମାନଙ୍କ ମଧ୍ୟରେ ଢେଙ୍କାନାଳ ସଦରଥାନା କଦମପାଳ ଗ୍ରାମର ତ୍ରିଲୋଚନ ନାଏକଙ୍କ ପୁଅ ଚନ୍ଦ୍ରକାନ୍ତ ନାଏକ ଓରଫ ଗଣେଶ୍ୱର ଓରଫ ଗଣିଆ(୨୩), କଦମପାଳ ଗ୍ରାମର ବନମାଳୀ ନାଏକଙ୍କ ପୁଅ ଗୋଣ ନାଏକ(୧୯), କଟକ ଜିଲ୍ଲା ତିଗିରିଆ ଥାନା ଅନ୍ତର୍ଗତ ସୋମପଡ଼ା ଗ୍ରାମର ଜଳଧର ପ୍ରଧାନଙ୍କ ପୁଅ ରଜତ ପ୍ରଧାନ ଓରଫ ଜୀବନ(୨୨)ଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର ହୋଇ ଯାଇଥିଲେ। ଏ ସମ୍ପର୍କରେ ଏକ ପ୍ରେସ୍‌ମିଟରେ ସବିଶେଷ ତଥ୍ୟ ପ୍ରଦାନ କରିଛି ପୁଲିସ। ପ୍ରେସମିଟରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କ ସହିତ ସଦର ଥାନା ଅଧିକାରୀଏବଂ ପୋଲିସ ବିଭାଗର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ରବିବାର ଭୋର ୩ଟାରେ ଭାପୁର ଫାଣ୍ଡି ଅଧିକାରୀ ଚନ୍ଦ୍ରକାନ୍ତ ସେଠୀ ଟିମ୍ ସହିତ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିଲେ। କଦମପାଳ ଜଙ୍ଗଲ ନିକଟରେ ଏକ ଡକାୟତି ଦଳ ଡକାୟତି ଯୋଜନା କରୁଥିବା ବେଳେ ପୁଲିସ ସନ୍ଦେହ କରି ସେଠାରେ ଥିବା ଏକ ଆଶ୍ରୟସ୍ଥଳୀକୁ ଘେରାଉ କରିଥିଲେ। ସେଠାରେ ଦୁଇଟି ବାଇକ୍ ସହିତ ଗୋଟିଏ ସ୍କୁଟି ରହିଥିଲା। ବାଇକ୍‌କୁ ତନଖି ସମୟରେ ବିଭିନ୍ନ ମାରଣାସ୍ତ୍ର ସହିତ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିଲା। ସେମାନଙ୍କୁ ପୁଲିସ ଗିରଫ କରି ପଚରାଉଚରା ବେଳେ କଦମପାଳରେ ଏକ ଡକାୟତି କରିବାକୁ ଯୋଜନା କରୁଥିବା ପ୍ରକାଶ କରିଥିଲେ। ସେମାନେ ବିଭିନ୍ନ ସ୍ଥାନରେ ସିରିଜ ଲୁଟ୍‌ତରାଜ ସହିତ ଡକାୟତି, ଚୋରି, ଛିନତାଇ ସହିତ ସଦର, ରାସୋଳ ଏବଂ ମୋଟଙ୍ଗା ପୋଲିସ ଅଞ୍ଚଳର ବିଭିନ୍ନ ଫାଇନାନ୍ସ କମ୍ପାନୀର କର୍ମଚାରୀଙ୍କୁ ଟାର୍ଗେଟ କରି ଲୁଟ୍ କରୁଥିବାର ପ୍ରକାଶ କରିଥିଲେ। ପୁଲିସ ସମସ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସେମାନଙ୍କ ନାମରେ ସଦରଥାନାରେ ଆରୋହଣ ଫାଇନାନ୍ସ କମ୍ପାନୀରୁ ୨୧ ହଜାର ୩୩୦ଟଙ୍କା ଲୁଟ ଘଟଣା ସହିତ ସଦରଥାନାରେ ଆରୋହଣ ଫାଇନାନ୍ସ ଠାରୁ ୨ଲକ୍ଷ ୧୦ ହଜାର ୯୧୬ଟଙ୍କା, ସଦର ଥାନାରେ ବାଇକ ଏବଂ ସୁନା ଚେନ ଲୁଟ ଘଟଣା, ସଦର ମାଇକ୍ରୋ ଫାଇନାନ୍ସ କମ୍ପାନୀ ଠାରୁ ଲୁଟ ଘଟଣା, ଜଣେ ବ୍ୟକ୍ତିଙ୍କୁ ପିସ୍ତଲ ଦେଖାଇ ୫୧ ହଜାର ଟଙ୍କା ଲୁଟ ଘଟଣା, ରାସୋଳରେ ମାଇକ୍ରୋଫାଇନାନ୍ସ କମ୍ପାନୀ ଠାରୁ ତିନୋଟି ଫୋନ ଲୁଟ ଘଟଣା, ମୋଟଙ୍ଗା ଥାନାରେ ୩୩ ହଜାର ୯୨୬ଟଙ୍କା ସହିତ ୪ଟି ମୋବାଇଲ ଲୁଟ ଏହିପରି ମୋଟ ୧୧ଟି ମାମଲା ରହିଥିବା ଜଣାପଡ଼ିଛି।

## ବ୍ରାଉନ୍‌ସୁଗର ଜବତ; ୫ ବେପାରୀ ଗିରଫ



**ଅନୁଗୋଳ/ନାଲ୍‌କୋନଗର, ୮।୧(ସମିସ):** ଅନୁଗୋଳ ଜିଲ୍ଲା ନାଲ୍‌କୋ ଥାନା ଅଞ୍ଚଳରେ କାୟା ବିସ୍ତାର କରିସାରିଛି ବ୍ରାଉନ୍‌ସୁଗର। ବହୁ ଯୁବକ ଏବେ ଏହା କବଳରେ ପଡ଼ି ପଥଭ୍ରଷ୍ଟ। ସୋମବାର ବ୍ରାଉନ୍‌ସୁଗର ବିକ୍ରି କରୁଥିବା ବଳରାମ ପ୍ରସାଦପାଟଣାସାହିର ପ୍ରଭାକର ମହାପାତ୍ର (୨୭), ଡମ୍ବରୁ ଧର ଦାସ (୩୭), ବଳରାମ ପ୍ରସାଦ ବାନବାସପୁରର ନେଟୁ ନାହାକ (୩୪) ବଳରାମ ପ୍ରସାଦ କେନ୍ଦୁ ପାଟଣା ସାହିର ଦିଲ୍ଲୀପ ବାରିକ (୩୨), କାଣ୍ଡସର ଦାଣ୍ଡିଆ ସାହିର ଯୁବକ ଦୀପକ ସେଠୀ (୨୩) ଅନୁଗୋଳ ଥାନା ରାଣିଗୁଡା ଗ୍ରାମର ନାବାଳକ ରବିବାର ସନ୍ଧ୍ୟାରେ କନ୍ୟାବେଡା ଗ୍ରାମ ନିକଟରେ ଥିବା ରେଲୱେ ଓଭରବ୍ରିଜ ଅଞ୍ଚଳରେ ୬ଜଣ ବ୍ରାଉନସୁଗର ବ୍ୟବସାୟ ପାଇଁ ଯୋଜନା କରୁଥିବା ବେଳେ ପୁଲିସ ଖବର ପାଇ ୫ଜଣଙ୍କୁ ଧରିବାରେ ସଫଳ ହୋଇଛି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ନାଲକୋ ପୁଲିସ ଏମାନଙ୍କ ନିକଟରୁ ୧୯.୮୬ ଗ୍ରାମ ଓଜନର ୩ଟି ଜରି ପୁଡିଆ (ଫାଇଲ୍) ବ୍ରାଉନସୁଗର ଓ ବ୍ରାଉନସୁଗର ପ୍ୟାକିଂ କରିବା ପାଇଁ ୫୦ରୁ ଊର୍ଦ୍ଧ୍ୱ କଟାଯାଇଥିବା ହଳଦିଆ ରଙ୍ଗର କାଗଜ, ୨ଟି ବାଇକ୍, ୬ଟି ମୋବାଇଲ ଫୋନ ଓ ନଗଦ ୫ଶହ ଟଙ୍କା ଜବତ କରିଛି। ଅନୁଗୋଳ ଥାନା ରାଣିଗୁଡା ଗ୍ରାମର ନାବାଳକକୁ ଆଜି ବାଲସୁଧାର ଗୃହକୁ ପଠାଯାଇଛି। ନାଲକୋ ଅଞ୍ଚଳରୁ ଖୁବ୍‌ଶୀଘ୍ର ଧଳା ଜହର କବଳରୁ ଯୁବପିଢୀଙ୍କୁ ଉଦ୍ଧାର କରିବେ ବୋଲି ନାଲକୋ ଥାନାଧିକାରୀ ପ୍ରଦୀପ ମହନ୍ତ ପ୍ରକାଶ କରିଛନ୍ତି।

## ବଣିଆପଡ଼ା କ୍ରିକେଟ୍ ମ୍ୟାଚ୍ ଉଦ୍‌ଯାପିତ

**ଢେଙ୍କାନାଳ, ୮।୧(ସମିସ):** ଓଡ଼ାପଡ଼ା ବ୍ଲକ ବଣିଆପଡ଼ାରେ ୫ ଦିନ ଧରି ଚାଲିଥିବା କ୍ରିକେଟ୍ ମ୍ୟାଚର ଫାଇନାଲ ମ୍ୟାଚ ରାଜା- ୧୧, ପୋଡ଼ାପଡ଼ା ସହିତ କାରନ୍ଦା କ୍ରିକେଟ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ୧୫ ଓଭର ମ୍ୟାଚ୍ ବିଶିଷ୍ଟ ଖେଳରେ ଟସ୍ ଜିତି



ପ୍ରଥମେ କାରନ୍ଦା କ୍ରିକେଟ୍ କ୍ଲବ୍ ୧୦ ଓଭର୍‌ରେ ତା'ର ସମସ୍ତ ୱିକେଟ୍ ହରାଇ ମାତ୍ର ୫୩ ରନ୍ ସଂଗ୍ରହ କରିପାରିଥିଲା। ରାଜା -୧୧, ପୋଡ଼ାପଡ଼ା ମାତ୍ର ୭ ଓଭର୍‌ରେ ୫ ୱିକେଟ୍ ହରାଇ ଶେଷରେ ଛକା ମାରି ୫୬ ରନ୍ କରି ୨୦୨୪ ର ୱିନର କପ୍ ହାସଲ କରିଥିଲା। ୱିନର୍ ଟିମକୁ ଟ୍ରଫି ସହ ୫୦୫୫ ଟଙ୍କା ମୁଖ୍ୟ ଅତିଥି ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା, ରେବତୀ ବେହେରାଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ଏବଂ ରନର୍ସଅପ୍ ଟିମକୁ ଟ୍ରଫି ସହ ୩୦୩୩ ଟଙ୍କା ସମ୍ମାନିତ ଅତିଥି ସମିତିସଭ୍ୟା ସୁମିତ୍ରା ପଟ୍ଟନାୟକଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଦୁଇ ଅମ୍ପାୟାର ପ୍ରଶାନ୍ତ ମହାଭୋଇ ଓ ପ୍ରିୟବ୍ରତ ମହାଖୁଡ ଏବଂ ସମସ୍ତ କ୍ଲବ୍ ମେମ୍ବର, ଗ୍ରାମବାସୀ ମାନଙ୍କ ସହଯୋଗ ଦ୍ୱାରା ଖେଳ ପରିଚାଳନା ହୋଇଥିଲା।

## ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର

**ଢେଙ୍କାନାଳ, ୮।୧(ସମିସ):** ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ଥାନା ଷେଣ୍ଡସର ଗ୍ରାମରେ ଥିବା ସାରିଆ ଜଙ୍ଗଲରୁ ଜନୈକ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମରୁଆବିଲି ପଞ୍ଚାୟତ ବଳଦିଆପାଳ ଗ୍ରାମର ଦୁଃଶାସନ ମହାନ୍ତ(୩୬) କୌଣସି କାରଣରୁ ସାରିଆ ଜଙ୍ଗଲରେ ଥିବା ଏକ ଗଛରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ସ୍ଥାନୀୟ ଲୋକ ଦେଖି ପୁଲିସକୁ ଖବର ଦେବାପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ମୃତ୍ୟୁର କାରଣ ଜଣାପଡ଼ିନାହିଁ।

## କେନାଲରେ ବୁଡ଼ି ଯୁବକ ମୃତ

**ଢେଙ୍କାନାଳ, ୮।୧(ସମିସ):** ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ବାରୁଆଁ ପଞ୍ଚାୟତ ମାଲୁଆଗୋଡା ଗ୍ରାମର ଜଣେ ଯୁବକ ରେଙ୍ଗାଳୀ କେନାଲରେ ବୁଡି ମୃତ୍ୟୁ ଘଟିଛି। ସେ ହେଲେ ଅନନ୍ଦ ହେମ୍ବ୍ରମଙ୍କ ପୁଅ ଗୁରୁବା ହେମ୍ବ୍ରମ(୩୫)। ମଜୁରୀ କରିବାକୁ ଯାଇ ଅପରାହ୍ନରେ ଆଉ ଘରକୁ ଫେରିନଥିଲେ। ସନ୍ଧ୍ୟା ହେବାରୁ ପରିବାର ଲୋକ ତାଙ୍କୁ ଖୋଜାଖୋଜି କରିବା ପରେ ସେ କେନାଲରେ ଗାଧୋଉଥିବାର ଖବର ପାଇଥିଲେ। କୌଣସି ତଥ୍ୟନପାଇ ପରିବାର ବର୍ଗ ପୋଲିସ ଏବଂ ଅଗ୍ନିଶମ ବାହିନୀକୁ ଖବର ଦେବାପରେ ସେଠାରେ ଅଗ୍ନିଶମ ବାହିନୀର କର୍ମଚାରୀ ପହଞ୍ଚି କେନାଲରେ ଖୋଜାଖୋଜି କରିବା ପରେ ସେଠାରୁ ଗୁରୁବାଙ୍କର ମୃତଦେହ ପାଇଥିଲେ। ତାଙ୍କୁ ନିକଟସ୍ଥ ଚିକିତ୍ସାଳୟକୁ ନେଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ପିଙ୍ଗୁଆ ସରକାରୀ ଉଚ୍ଚ ବିଦ୍ୟାଳୟ

## ଶିକ୍ଷା ସଚେତନତା ରଥକୁ ସ୍ୱାଗତ



**ଗନ୍ଦିଆ, ୮।୧(ସମିସ):** ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ପିଙ୍ଗୁଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଜିଲ୍ଲା ସମଗ୍ର ଶିକ୍ଷା ଅଭିଯାନ ଓ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମାଧ୍ୟମରେ ଆସିଥିବା ଶିକ୍ଷା ସଚେତନତା ରଥକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଅଛି। ରଥକୁ ଧୂପ ଦୀପ ଏବଂ ଚନ୍ଦନ ଦେଇ ଓ ନାରିକେଳ ବାଡେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଜୟ କୁମାର ସାମଲ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅତିଥି ଶିକ୍ଷକ ପ୍ରକୃତି ବନ୍ଧୁ ହରିହର ସାହୁ, ଶିକ୍ଷକ ପ୍ରକାଶ ବାରିକ, ପବିତ୍ର ପ୍ରଧାନ, ତରୁଣ ବାରିକ, ଶିକ୍ଷୟିତ୍ରୀ ପଦ୍ମିନୀ ତରାଇ, ପୂଜା ପ୍ରଧାନ, ଲିଜା ଦଳେଇ, ସ୍ୱାଗତିକା ବେହେରା, ମିନତି ସାହୁ, କାର୍ଯ୍ୟାଳୟ ସହାୟକ ହୃଷୀକେଶ ଦାସ, କର୍ମଚାରୀ ତ୍ରିଲୋଚନ ନାୟକ ଓ ସମସ୍ତ ଛାତ୍ର ଛାତ୍ରୀମାନେ ସ୍ୱାଗତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ଓ ଅତିଥି ଶିକ୍ଷକ ପ୍ରକୃତିବନ୍ଧୁ ଶ୍ରୀ ସାହୁ ଉଦ୍‌ବୋଧନ ଦେଇଥିଲେ।

## ଚିନରା ସହ ୬ ପୋଖରୀ ହେବ ଆଦର୍ଶ ପୋଖରୀ

ଭୁବନ ଏନ୍‌ଏସି କାଉନସିଲ୍ ବୈଠକ

**ଭୁବନ, ୮।୧(ସମିସ):** ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର ତ୍ରୟୋଦଶ କାଉନସିଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍ ଏ ସି ସଦଭାବନା ଗୃହରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ନିର୍ବାହୀ ଅଧିକାରୀ ଅପୂର୍ବ ରଞ୍ଜନ ଆଇଚ ପୂର୍ବ ବୈଠକର ବିବରଣୀ ପାଠ କରି ସର୍ବସମ୍ମତ କ୍ରମେ ଏହାକୁ ଦୃଢ଼ୀକରଣ କରିଥିଲେ। ନଗରପାଳ ସାହୁ ସମସ୍ତ ପାରିଷଦ ବର୍ଗଙ୍କୁ ନୂତନବର୍ଷର ଅଭିନନ୍ଦନ ଜଣାଇ ବହୁ ପ୍ରତିକ୍ଷୀତ ଚିନରା ପୋଖରୀର ପୁନରୁଦ୍ଧାର ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ସବୁଜ ସଙ୍କେତ ମିଳିଛି। ଏଥି ସହିତ ମୁଖ୍ୟମନ୍ତ୍ରୀଙ୍କ ମୋ ପୋଖରୀ ଯୋଜନାରେ ଭୁବନର ୬ ଟି ପୋଖରୀ ଯଥା - ଗୋଡ଼ି ପୋଖରୀ, ଦୁର୍ଗା ସାଗର ପୋଖରୀ, ପୃଷ୍ଟି ପୋଖରୀ, ନୂଆ ପୋଖରୀ, ଝରଣ ପୋଖରୀକୁ ଆଦର୍ଶ ପୋଖରୀ ଭାବେ ରୂପାନ୍ତରଣ କରାଯିବ ବୋଲି କହିଥିଲେ। ୧୪ ନମ୍ବର୍ ୱାର୍ଡ କାଉନସିଲର କଳ୍ପନା ବେହେରାଙ୍କ ଅଭିଯୋଗର ଉତ୍ତରରେ ନଗରପାଳ କହିଥିଲେ ଯେ, ରଗଡ଼ି ଛକଠାରେ ହୋଇଥିବା ଭେଣ୍ଡିଂ ଜୋନ ପ୍ରଥମ ପର୍ଯ୍ୟାୟରେ ୧୬ଟି ଷ୍ଟଲ ବଣ୍ଟନ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ବାକିଥିବା ୧୦ଟି ଷ୍ଟଲ ପାଇଁ ୬୪ ଜଣ ଆବେଦନ କରିଥିଲେ। ଲଟେରୀ ଜରିଆରେ ୧୦ ଜଣଙ୍କୁ ଚୟନ କରାଯାଇଥିଲା। ଖୁବ୍‌ଶୀଘ୍ର ସେମାନେ ଷ୍ଟଲ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନୀଳମାଧବ ପେଟ୍ରୋଲ ପମ୍ପ ଛକରେ ଲାଇଟ ନଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ସେହି ସ୍ଥାନରେ ପର୍ଯ୍ୟାପ୍ତ ଆଲୋକ ଲଗାଯିବା ସହ ବାଜିରାଉତ୍ କଲେଜ ଛକରୁ ନୀଳମାଧବ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଏକ ଆପ୍ରୋଚ ରୋଡ ନିର୍ମାଣ ପାଇଁ ଜିଲ୍ଲାପାଳ, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ, ଆରକ୍ଷୀ ଅଧିକ୍ଷକ ଏବଂ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ (ଉନ୍ନୟନ ଅଧିକାରୀ)ଙ୍କୁ ନଗରପାଳଙ୍କ ନେତୃତ୍ୱରେ ୨ ନମ୍ବର ୱାର୍ଡ କାଉନସିଲର କୃପାସିନ୍ଧୁ ବେହେରା, ୬ ନମ୍ବର ୱାର୍ଡ କାଉନସିଲର ସୁଶାନ୍ତ ନାୟକ, ୭ ନମ୍ବର ୱାର୍ଡ କାଉନସିଲର ନରେନ୍ଦ୍ର ବେହେରା ଓ ୯ ନମ୍ବର ୱାର୍ଡ କାଉନସିଲର ପପୁ କୁମାର ସାହୁ ସାକ୍ଷାତ କରି ଅବଗତ କରାଇବାକୁ ବୈଠକରେ ଗୃହୀତ ହୋଇଥିଲା। ଭୁବନ ଦେଇ ଯାଇଥିବା ରେଳପଥର ସାମଲଠାରେ ହୋଇଥିବା ଷ୍ଟେସନକୁ ଭୁବନ ରୋଡ୍ ନାମକରଣ କରାଯାଇଥିବାରୁ ୧ ନମ୍ବର ୱାର୍ଡ କାଉନ୍‌ସିଲର ଗିରିଧାରୀ ସାହୁ କ୍ଷୋଭ ପ୍ରକାଶ କରିଥିଲେ। ଏହାକୁ ଭୁବନ ନାମରେ ନାମିତ କରିବାକୁ ଦାବି କରିଥିଲେ। ରେଳ ଷ୍ଟେସନ ନାମ ପରିବର୍ତ୍ତନ ପାଇଁ ବୈଠକରେ ଗୃହୀତ କରାଯାଇ ସାଂସଦ ମହେଶ ସାହୁଙ୍କ ଜରିଆରେ ରେଳମନ୍ତ୍ରୀଙ୍କୁ ଅବଗତ କରାଯିବାକୁ ନିଷ୍ପତି ହୋଇଥିଲା। ମିଶନ ଶକ୍ତି ସଦସ୍ୟା ଏବଂ ଠିକାଦାର ମାନେ ନେଇଥିବା ଉନ୍ନୟନ ମୂଳକ କାର୍ଯ୍ୟକୁ ସ୍ଥାନୀୟ କାଉନସିଲରଙ୍କ ପରାମର୍ଶରେ ତୁରନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଭୁବନ ଏନ୍ ଏ ସି ର ରୂପାନ୍ତରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାୟ ୧ ଶହ କୋଟି ଟଙ୍କା ପ୍ରଦାନ କରିଥିବାରୁ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସାଂସଦ ମହେଶ ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହି ବୈଠକରେ କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର ନାଥ ସାହୁ, ଶକ୍ତି ପ୍ରକାଶ ସାହୁ, ବରିଷ୍ଠ ସହାୟକ ପ୍ରାଣକୃଷ୍ଣ ଓଝା, ଯୋଗାଣ ନିରୀକ୍ଷକ ବାଡ଼ା ବେଶ୍ରାଙ୍କ ସମେତ ସମସ୍ତ କାଉନସିଲର ଓ କର୍ମଚାରୀ ଯୋଗଦେଇଥିଲେ। ଉପ ନଗରପାଳ ଶ୍ରୀମତୀ ମାନିନୀ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

● ବାସନ୍ତୀ ଭଲିବଲ୍ ଟ୍ରଷ୍ଟ ପକ୍ଷରୁ ୩ ଦିନିଆ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଭୁବନେଶ୍ୱରକୁ ୩-୨ରେ ହରାଇ ଭଦ୍ରକ ଚାମ୍ପିଅନ୍

**ଅନୁଗୋଳ, ୮।୧(ସମିସ)**

ଅନୁଗୋଳ ବାସନ୍ତୀ ଭଲିବଲ ଟ୍ରଷ୍ଟ ପକ୍ଷରୁ ଏକ ୩ ଦିନିଆ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ୫ ତାରିଖରେ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟକୁ ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା ଓ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଉଦଘାଟନ କରିଥିଲେ। ପ୍ରଥମ ଦିନରେ ଅନୁଗୁଳ ଜିଲ୍ଲାର ୮ ଟି ଟିମ ଭାଗ ନେଇଥିଲେ। ଜିଲ୍ଲା ସ୍ତରୀୟ ହୋଇଥିବା ଏହି ଦିନରେ ଟାଟା ଷ୍ଟିଲକୁ ୨-୦ ସେଟରେ ହରାଇ ସନ୍ତରାବନ୍ଧ ଟିମ୍ ଚମ୍ପିଅନ ହୋଇଥିଲା। ସନ୍ଧ୍ୟାରେ ଅନୁଗୁଳ ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଠ ମୁଖ୍ୟ ଅତିଥି ଓ ଅନୁଗୁଳ ଡିପିଓ ଭିକାରୀବନ୍ଧୁ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଅନୁଗୁଳ ଭଲିବଲ କପ-୨୦୨୪ର ଦ୍ୱିତୀୟ ଦିନରେ ରାଜ୍ୟସ୍ତରୀୟ ଦିବାରାତ୍ର ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଙ୍କ ଅବନୀକାନ୍ତ ସାହୁ ମୁଖ୍ୟ ଅତିଥି ଓ ଅନୁଗୁଳ ୯ ନମ୍ବର ଜୋନ ଜିଲ୍ଲା ପରିଷଦ ରଞ୍ଜନ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଗ୍ରୁପ- 'ଏ'ରୁ ଭଦ୍ରକ ଗ୍ରୁପ ଚମ୍ପିଅନ ହୋଇ




ସେମିଫାଇନାଲରେ ପ୍ରବେଶ କରିଥିବାବେଳେ ଦ୍ୱିତୀୟ ସ୍ଥାନରେ ରାଉରକେଲା ଟିମ ରହି ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ସେହି ଭଳି ଗ୍ରୁପ- 'ବି'ରେ ଭୁବନେଶ୍ୱର ଚାମ୍ପିଅନ୍ ଓ ପାରାଦ୍ୱୀପ ଦ୍ୱିତୀୟ ସ୍ଥାନ ଅଧିକାର କରି ସେମିଫାଇନାଲକୁ ଉନ୍ନିତ ହୋଇଥିଲେ। ୭ ତାରିଖ ତୃତୀୟ ଦିନରେ ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଆଠମଲ୍ଲିକର ସମାଜସେବୀ ଅର୍ଜୁନ ସାହୁ ଅତିଥି ଭାବେ ଯୋଗ ଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ସେମିଫାଇନାଲରେ ପାରାଦୀପକୁ ହରାଇ ଭଦ୍ରକ ଓ ଦ୍ୱିତୀୟ ସେମିଫାଇନାଲରେ ରାଉରକେଲାକୁ ହରାଇ ଭୁବନେଶ୍ୱର ଫାଇନାଲକୁ ଯାଇଥିଲେ।

ଫାଇନାଲ ମ୍ୟାଚ ଚିତ୍ତାକର୍ଷକ ହୋଇଥିବା ବେଳେ ଭଦ୍ରକ ୩-୨ ସେଟରେ ଭୁବନେଶ୍ୱରକୁ ହରାଇ ଚମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ପ୍ରଧାନ ମୁଖ୍ୟ ଅତିଥି, ଅନୁଗୁଳ ଭାଇସ ଚେୟାରମ୍ୟାନ ଅନୁପମା ସାହୁ ସମ୍ମାନୀତ ଅତିଥି, ଅନୁଗୁଳ କ୍ରୀଡା ସାଂସଦ ସମ୍ପାଦକ ଗୌର ଗୋବିନ୍ଦ ସାମନ୍ତ, ପୂର୍ବତନ କ୍ରୀଡା ଅଧିକାରୀ ମହେନ୍ଦ୍ର ସାହୁ, ଅଭିନେତା ଅମରେଶ ନାଥ, ପୂର୍ବତନ ଜାତୀୟ ଭଲିବଲ ଖେଳାଳି ଶରତ ପାଣି ଅତିଥିଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ। ମ୍ୟାନ ଅଫ ଦ ମ୍ୟାଚ ଭାବେ ଭଦ୍ରକର ରାଜୁ, ବେଷ୍ଟ ସେଟର ଭାବେ ଭୁବନେଶ୍ୱରର ଶୁଭ୍ରାଂଶୁ, ବେଷ୍ଟ ଲିବେରୋ ଭାବେ ଭଦ୍ରକର ଜ୍ଞାନ ରଞ୍ଜନ ବେହେରା, ଭଦ୍ରକର ହୃଷୀକେଶ ବେଷ୍ଟ ଆଟାକର ଓ ମ୍ୟାନ ଅଫ ଦ ଟୁର୍ଣ୍ଣାମେଣ୍ଟ ଭାବେ ଭୁବନେଶ୍ୱରର ଅଫଜଲଙ୍କୁ ପୁରସ୍କୃତ କରାଯିବା ସହ ଉପ ବିଜେତା ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ଏବଂ ବିଜେତା ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରା ଯାଇଥିଲା।

ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚକୁ ଜାତୀୟସ୍ତରର ରେଫରି ନିରଞ୍ଜନ ନାୟକ, ସଞ୍ଜୀବ କୁମାର ଚାନ୍ଦ, ରଜନୀକାନ୍ତ ମିଶ୍ର, ଅଶୋକ କୁମାର ପ୍ରଧାନ, ବିଜୟ ବାଘ ପରିଚାଳନା କରିଥିବା ବେଳେ ବାସନ୍ତୀ ଭଲିବଲ ଟ୍ରଷ୍ଟର ସଭାପତି ପ୍ରତାପ ମାଝୀ, ସମ୍ପାଦକ ରଶ୍ମିରଞ୍ଜନ ପ୍ରଧାନ, କୋଷାଧ୍ୟକ୍ଷ ସମରେଶ ନାଥ, ଦିବ୍ୟ ରଞ୍ଜନ ବେହେରା, ନୌଷଦ ଅଲ୍ଲୀ, ଶ୍ରୀଧର ଭଞ୍ଜ, ସୌମ୍ୟ ରଞ୍ଜନ ପଟନାୟକ, ଗୋବିନ୍ଦ ଅଧିକାରୀ, ଅନୁପ ମହାନ୍ତି, ଯତୀନ ସେଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

● ଓଡ଼ାପଡ଼ାରେ ଜନଅଭିଯୋଗ ଶୁଣାଣି

# ୪୨ ମାମଲାର ସମାଧାନ

**ଢେଙ୍କାନାଳ, ୮।୧(ସମିସ):** ଢେଙ୍କାନାଳ ଜିଲ୍ଲା ଓଡାପଡ଼ା ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ସଭାପତିତ୍ୱରେ ଏକ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୮୭ଟି ମାମଲା ଗ୍ରହଣ କରାଯାଇଥିବାବେଳେ ସେଥିମଧ୍ୟରୁ ୭୪ଟି ବ୍ୟକ୍ତିଗତ, ୫ଟି ଗ୍ରାମ ସମସ୍ୟା, ୮ଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ଗ୍ରହଣ କରାଯାଇଥିଲା। ସମସ୍ତ ଅଭିଯୋଗ ମଧ୍ୟରୁ ୪୨ଟିର ସମାଧାନ କରାଯାଇ ଅନ୍ୟ ସମସ୍ୟାଗୁଡିକ ବିଭିନ୍ନ ଅଧିକାରୀଙ୍କୁ ସମାଧାନ ପାଇଁ ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ଏବଂ ରେଡକ୍ରସରୁ ମୋଟ ୬୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ବୈଠକରେ ଜିଲ୍ଲାପାଳଙ୍କ ସହିତ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ବିଡିଓଙ୍କ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



■ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା

# ହୁଳହୁଳି, ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଲା ଗାଁ




ରଘୁନାଥପୁର,୮ ।୧ (ସମିସ): ଆସନ୍ତା ୧୭ତାରିଖ ଶ୍ରୀ ଜଗନ୍ନାଥଙ୍କର ବେଢା ପରିକ୍ରମା କାର୍ଯ୍ୟର ପ୍ରତିଷ୍ଠା ଓ ଉଦ୍‌ଘାଟନ ନିମନ୍ତେ ବ୍ଲକ ପ୍ରଶାସନ ପକ୍ଷରୁ ଶ୍ରୀ ଜଗନ୍ନାଥ ଅର୍ପଣ ରଥ ଆଜି ଦ୍ୱିତୀୟ ଦିନରେ ଜଗନ୍ନାଥପୁର, ରେଢୁଆ, ତରିକୁନ୍ଦ, ବିଦ୍ୟାଧରପୁର ପଞ୍ଚାୟତ କାର୍ଯ୍ୟାଳୟରୁ ଶୁଭାରମ୍ଭ କରାଯାଇଥିଲା । ଏହି ଜଗନ୍ନାଥ ଅର୍ପଣ ରଥକୁ ଦ୍ୱିତୀୟ ଦିବସ ପରିକ୍ରମାକୁ ରଘୁନାଥପୁର ବ୍ଲକ ବିଡିଓ ନମିତା ବାରିକ, ଏବିଡିଓ ଜ୍ଞାନଦା ନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ଜଗନ୍ନାଥପୁରନ ସରପଞ୍ଚ ଜଗବନ୍ଧୁ ମଲ୍ଲିକ, ରେଢୁଆ ସରପଞ୍ଚ କିଶୋର କୁମାର ବେହେରା, ବିଦ୍ୟାଧରପୁର ସରପଞ୍ଚ ସାହେଦା ତବସୁମ, ତରିକୁନ୍ଦ ସରପଞ୍ଚ ବନମାଳି ସାହୁ ପରିକ୍ରମା ରଥକୁ ପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ ପରିକ୍ରମା କରିଥିଲେ । ପ୍ରତ୍ୟେକ ଗ୍ରାମରେ ମା ମାନେ ଶଙ୍ଖ, ହୁଳହୁଳି ପକାଇ, ଧୂପ, ଦୀପ, ନୈବେଦ୍ୟ, ପୁଷ୍ପମାଲ୍ୟ ଅର୍ପଣ କରି ଆଳତି କରିଥିଲେ । ଉପସ୍ଥିତ ଶହ ଶହ ମା ମାନେ, ଗ୍ରାମର ମୁରବୀମାନେ, ଯୁବକ, ଛାତ୍ରଛାତ୍ରୀମାନେ ହରିବୋଲ ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିଦେଇ ସ୍ୱାଗତ କରିଥିଲେ । ଏଥିପାଇଁ ପ୍ରତ୍ୟେକ ଘରୁ ଅରୁଆ ଚାଉଳ ଓ ଗୁଆ ମା ମାନେ ପ୍ରଦାନ

## ଦେଶୀମଦ ଜବତ

ପାରାଦୀପ, ୮ ।୧ (ସମିସ) : ପାରାଦୀପ ଅଭୟଚାନ୍ଦ ପୁର ଥାନା ଅଧିନ ରଙ୍ଗିଆଗଡ଼-ବଗଦିଆ ରାସ୍ତାର ଗ୍ୟାସ ଛକ ନିକଟରେ ଚୋରା ଦେଶୀ ମଦ ବିକ୍ରି କରୁଥିବା ବେଳେ ବଗଦିଆର ବଳରାମ ନାୟକ (୩୪) ପୁଲିସ ହାବୁଡ଼ରେ ପଡି ଗିରଫ ହୋଇଛି । ବଳରାମଙ୍କ ନିକଟରୁ ୬ ଲିଟର ଦେଶୀ ମଦ ଜବତ ହେବା ସହ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ।ସୂଚନା ଥାଉକି ଏହି ବଗଡିଆ ରାସ୍ତା ଏବେ ଅସାମାଜିକଙ୍କ ଆ‡। ସ୍ଥଳୀ ପାଲଟିଛି । ପ୍ରତ୍ୟେକ ଦିନ ଅସାମାଜିକ ଯୁବକ ମାନେ ଏହି ରାସ୍ତାକୁ ନିଛାଟିଆ ଭାବି ନିଶା ବ୍ୟବସାୟ ସହିତ ଆ‡। ଜମାଉଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି ।

## ଟ୍ରଲି ଉପରେ ପ୍ରସବ



ପାରାଦ୍ୱୀପ,୮ ।୧(ସମିସ): ପାରାଦୀପ ଭଳି ବନ୍ଦର ସହରରେ ଦେଖିବାକୁ ମିଳିଛି ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ।ଯାହା ପାରାଦୀପ ବାସୀଙ୍କୁ ଅତିଷ୍ଠ କରିଛି ।ଜଣେ ମହିଳା ଙ୍କ ପ୍ରସବ ବେଦନା ହେବାରୁ ବାରମ୍ବାର ଆମ୍ବୁଲାନ୍ସକୁ ଫୋନ କରି ବିଫଳ ହେବାପରେ ପ୍ରସୂତି ଙ୍କୁ ଟ୍ରଲିରେ ଆଣି ଆସୁଥିବା ସମୟରେ ନୂଆବଜାର ରାଜରାସ୍ତାରେ ମହିଳା କନ୍ୟା ସନ୍ତାନ ପ୍ରସବ କରିଛନ୍ତି ।ଶିଳ୍ପସମୃଦ୍ଧ ପାରାଦ୍ୱୀପ ଅଞ୍ଚଳରେ ମହିଳା ଜଣକ ରାସ୍ତା ଉପରେ ଟ୍ରଲିରେ ପିଲାଜନ୍ମ କରିବା ର ଏକଘଣ୍ଟା ପରେ ପାରାଦ୍ୱୀପ ବନ୍ଦର ହସ୍ପିଟାଲର ଆମ୍ବୁଲାନ୍ସ ପହଞ୍ଚି ମା ଓ ପିଲାକୁ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲା । ମା ଓ ପିଲା ଉଭୟ ସୁସ୍ଥ ରହିଥିବା ନେଇ ଡାକ୍ତର କହିଛନ୍ତି । ଘଟଣାରୁ ଜଣା ଯାଏ ଆଜି ଭୋର ସମୟରେ ପାରାଦ୍ୱୀପର ଷଣ୍ଢକୁଦ ରେ ରହୁଥିବା ସରଫାତ ଖାଁ ଙ୍କ ପତ୍ନୀ ସଲାମୁନ ଖାତୁନଙ୍କ ପ୍ରସବ ବେଦନା ହେବାରୁ ପରିବାର ଲୋକେ ୧୦୮ କୁ ଫୋନ କରିଥିଲେ । କିନ୍ତୁ ବାରମ୍ବାର ଆମ୍ବୁଲାନ୍ସକୁ ଫୋନ କରି ବିଫଳ ହେବାପରେ ଟ୍ରଲି ସାହାଯ୍ୟରେ ମେଡିକାଲ ଆଣୁଥିବା ସମୟରେ ନୂଆବଜାର ଛକରେ ସଲାମୁନଙ୍କ ପ୍ରସବ ଯନ୍ତ୍ରଣା ଅସହ୍ୟ ହୋଇପଡିଥିଲା । ସ୍ଥାନୀୟ ମହିଳା ମାନେ ନିକଟରେ ଥିବା ଜଣେ ଆଶାକର୍ମୀଙ୍କୁ ଡାକିବା ସହିତ ଟ୍ରଲି ରେ ଲୁଗାଢାଙ୍କି ମହିଳାଙ୍କ ପ୍ରସବ କରାଇଥିଲେ । ଘଟଣା ସ୍ଥଳରେ ୮ ନମ୍ବର ୱାର୍ଡ ପାରିଷଦ କେ ଜଗନ୍ନାଥ ରାଓ ପହଞ୍ଚି ପାରାଦ୍ୱୀପ ବନ୍ଦର ହସ୍ପିଟାଲ କୁ ଫୋନ କରିବା ସହିତ ଆମ୍ବୁଲାନ୍ସ ପହଞ୍ଚି ଉଭୟ ମା ଓ ପିଲା କୁ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା । ପିଲା ଓ ମା ମେଡିକାଲ ରେ ପହଞ୍ଚିବା ପରେ ସଙ୍ଗେସଙ୍ଗେ ଉଭୟ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଆନୁସଙ୍ଗିକ ଚିକିତ୍ସା କରିବା ପରେ ମା ଓ ପିଲା ଉଭୟ ସୁସ୍ଥ ରହିଥିବା ନେଇ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଦେବବ୍ରତ ସାହୁ ପ୍ରକାଶ କରିଛନ୍ତି ।

● ପରିବହନ ଶ୍ରମିକଙ୍କ ଧାରଣା

## ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ପାରାଦୀପ, ୮ ।୧ (ସମିସ) : ରାଜ୍ୟ ସରକାରଙ୍କ ସହିତ ଆଲୋଚନା ପରେ ସ୍ୱାଭାବିକ ହୋଇଛି ପାରାଦୀପରେ ଥିବା ତିନୋଟି ତୈଳ ଟର୍ମିନାଲ ରୁ ତୈଳ ପରିବହନ । କେନ୍ଦ୍ର ସରକାରଙ୍କ ନୂଆ ଆଇନ କୁ ବିରୋଧ କରି ସମ୍ପୂର୍ଣ୍ଣ ତୈଳ ପରିବହନକୁ ବନ୍ଦ କରିବା ସହିତ ଷ୍ଟିଅରିଂ ଛାଡ ଆନ୍ଦୋଳନ କରିଥିଲେ ଡ୍ରାଇଭର ସଙ୍ଘ । ଫଳରେ ରାଜ୍ୟର ବିଭିନ୍ନ ପେଟ୍ରୋଲ ପମ୍ପ ରେ ତେଲ ଅଭାବ ଦେଖା ଯିବାର ସମ୍ଭାବନା ସୃଷ୍ଟି ହୋଇଥିଲା । ମାତ୍ର ରାଜ୍ୟ ସରକାରଙ୍କ ଉଚିତ ପଦକ୍ଷେପ ଫଳରେ ଏହି ସମସ୍ୟାର ସମାଧାନ ହୋଇଛି ଏବଂ ତେଲ ଟର୍ମିନାଲ ଗୁଡିକ ରେ ଟ୍ୟାଙ୍କର ଗୁଡିକ ସ୍ୱାଭାବିକ ଲୋଡିଂ ଆରମ୍ଭ କରିଛନ୍ତି । କେନ୍ଦ୍ର ସରକାରଙ୍କ ତରଫରୁ ୨୦୨୩ ର ଧାରା ୧୦୬ (୨) କୁ ପ୍ରତ୍ୟାହାର ଦାବିରେ ଆଜିଠାରୁ ସାରା ଓଡ଼ିଶାର ପରିବହନ ଶ୍ରମିକ ମାନଙ୍କ ତରଫରୁ ଶାନ୍ତିପୂର୍ଣ ଭାବରେ ଧାରଣା ଓ ଧର୍ମଘଟ ରେ ସାମିଲ ହୋଇଛନ୍ତି ପାରାଦ୍ୱୀପ ରେ ରହିଥିବା ତିନିଗୋଟି ବୃହତ ତୈଳ ଟର୍ମିନାଲର କାର୍ଯ୍ୟରତ ଡ୍ରାଇଭର । ଏହି ଧାରଣାରେ ପେଟ୍ରୋଲିୟମ ପ୍ରଡକ୍ଟ ଆଣ୍ଡ ହ୍ୟାଣ୍ଡଲିଂ ୟୁନିୟନ ର ସହ ସମ୍ପାଦକ ଆଲୋକ କୁମାର ଜେନା, ଦିବ୍ୟସିଂହ ମଲ୍ଲିକ, ଶ୍ରୀନିବାସ ସାହୁ ଓ ଅନ୍ୟ ସମସ୍ତ ଡ୍ରାଇଭରମାନେ ଏକତ୍ରିତ ହୋଇ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ ।

## ଯୁବ ନେତୃତ୍ୱ ତାଲିମ ପାଇଁ ପ୍ରକାଶ ପ୍ରଧାନ ମନୋନୀତ

ବାଲିକୁଦା ,୮ ।୧(ସମିସ): କେନ୍ଦ୍ର ସରକାରଙ୍କ ପକ୍ଷରୁ ସାରା ଭାରତ ବର୍ଷର କିଛି ଯୁବ ନେତୃତ୍ୱ ମାନଙ୍କୁ ସେମାନଙ୍କ ନେତୃତ୍ୱ ଓ ଦକ୍ଷତାର ବିକାଶ ବୃଦ୍ଧି ପାଇଁ ଗୁଜୁରାଟ ରାଜ୍ୟର ଅହମଦାବାଦଠାରେ ଥିବା ଭାରତୀୟ ପ୍ରବନ୍ଧନ ସଂସ୍ଥାନ ଠାରେ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଓଡ଼ିଶାର ୨ ଜଣ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଓ ୨ ଜଣ ବ୍ଲକ ଅଧ୍ୟକ୍ଷ ଙ୍କୁ ମନୋନୀତ କରାଯାଇଛି ।ସେମାନଙ୍କ ମଧ୍ୟରେ ବାଲିକୁଦା ବ୍ଲକର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ସ୍ଥାନ ପାଇ ଜଗତସିଂହପୁର ଜିଲ୍ଲା ସମେତ ବାଲିକୁଦା ବ୍ଲକକୁ ଗୌରବାନ୍ୱିତ କରିଛନ୍ତି ।ସେ ଆସନ୍ତା ଜାନୁୟାରୀ ୧୪ ତାରିଖରେ ଗୁଜୁରାଟ ଯାତ୍ରା କରିବା ସହ ୧୫ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରଶିକ୍ଷଣ ପ୍ରଦାନ କାର୍ଯ୍ୟକ୍ରମରେ ଯୋଗ ଦେଇ ୨୦ ତାରିଖରେ ଓଡିଶା ଫେରିବାର କାର୍ଯ୍ୟକ୍ରମ ରହିଛି । ସେ ଏଥିରେ ସାମିଲ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫- ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନ, ବାଲିକୁଦା ଏରସମା ବିଧାୟକ ରଘୁନନ୍ଦନ ଦାସଙ୍କ ସମେତ ଦଳୀୟ ନେତୃବୃନ୍ଦ ଓ ବାଲିକୁଦା ବ୍ଲକ ବାସୀଙ୍କ ନିକଟରେ କୃତଜ୍ଞତା ପ୍ରଦାନ କରିଛନ୍ତି ।ଏହି ପ୍ରଶିକ୍ଷଣ ପାଇବା ପରେ ତାଙ୍କର ନିଶ୍ଚିନ୍ତ ଭାବେ ନେତୃତ୍ୱ ଓ ଦକ୍ଷତାର ବିକାଶ ଘଟିବ ବୋଲି ଆଶା ପୋଷଣ କରିବା ସହ ଏହାକୁ ସେ ବିଜୁ ଜନତା ଦଳ ସେବାରେ କାର୍ଯ୍ୟକାରୀ କରିବା ସହ ଜିଲ୍ଲାର ଜନସାଧାରଣ ମାନଙ୍କ ନିମନ୍ତେ କାର୍ଯ୍ୟକାରୀ କରିବେ ବୋଲି ପ୍ରକାଶ କରିଛନ୍ତି ।ରାଜ୍ୟ ସରକାର ଶ୍ରୀ ପ୍ରଧାନଙ୍କୁ ମନୋନୀତ କରିବା ପରେ ବିଧାୟକ ଶ୍ରୀ ଦାସଙ୍କ ସମେତ ବହୁ ରାଜନେତା ଓ ବୁଦ୍ଧିଜୀବୀ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଗୁଆଲିପୁର ଧାନମଣ୍ଡି ଉଦ୍‌ଘାଟିତ

ରଘୁନାଥପୁର,୮ ।୧ (ସମିସ) : ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଲିପୁର ସମବାୟ ସମିତି ତରଫରୁ ଚଳିତ ବର୍ଷ ଧାନ ସଂଗ୍ରହ ପାଇଁ ଧାନମଣ୍ଡି ଆଜି ଉଦ୍‌ଘାଟିତ ହୋଇଛି । ଏହି ମଣ୍ଡିକୁ ଜିଲ୍ଲା ପରିଷଦ ସଦସ୍ୟା ରୀନାରାଣୀ ମଲ୍ଲିକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ପଞ୍ଚାୟତର ବରିଷ୍ଠ ମୁରବୀ ଜ୍ଞାନରଞ୍ଜନ ପଟ୍ଟନାୟକ, ସରପଞ୍ଚ ମନୋଜିନୀ ସାହୁ, ସମିତିସଭ୍ୟ କମଳାକାନ୍ତ ପରିଡା, ବିଜେଡି ଯୁବନେତା ପ୍ରକାଶ ମଲ୍ଲିକ, ଅଢେଇକୂଳ ସରପଞ୍ଚ ରୀନାରାଣୀ ସ୍ୱାଇଁ, ପୁରଣଓଡପଡା ସମିତିସଭ୍ୟା ପ୍ରିୟତମା ରାଉତ, ଗୁଆଲିପୁର ସମବାୟ ସମିତି ସଭାପତି ସୁଧାଂଶୁ ଶେଖର ବିଶ୍ୱାଳ, ସମ୍ପାଦକ ବିରଞ୍ଚି ନାରାୟଣ ମହାନ୍ତି, ଡାଟାଏଣ୍ଟ୍ରି ଅପରେଟ୍‌ର ଲିଙ୍ଗରାଜ ସାହୁ, ବିଜେଡିନେତା ଅନୁପ୍ରସାଦ ସ୍ୱାଇଁ, ସମାଜସେବୀ ନିହାର ରଞ୍ଜନ ସାହୁ, ସମିର କୁମାର ନାୟକ, ରବିନ୍ଦ୍ର ସ୍ୱାଇଁ, ମୁରଲୀଧର ମହାନ୍ତି, ଲିଙ୍ଗରାଜ ଖଟୁଆ, କୈଳାଶ କୁଅଁର, ସୁଧାକର ବିଶ୍ୱାଳ, ସିଦ୍ଧାନ୍ତ ଶଙ୍କର ରାଉତରାୟ, ଅଭୟ କୁମାର ସ୍ୱାଇଁ, କେଶବ କୁଅଁର ପ୍ରମୁଖ ଯୋଗଦେଇଥିଲେ । ସେହିପରି ପୁରୁଣାବସନ୍ତ ଓ ଛପଡ଼ା ପଞ୍ଚାୟତରେ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି ।

## ନାଉଗାଁ ବିଡିଓଙ୍କ ବିରୋଧରେ ସରପଞ୍ଚ ସଂଘର ଅଭିଯୋଗ

ଜଗତସିଂହପୁର/ନାଉଗାଁ, ୮।୧(ସମିସ): ନାଉଗାଁ ବ୍ଲକର ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ବିଡିଓଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ନାଉଗାଁ ବ୍ଲକରେ ସରକାରୀ ମାର୍ଗଦର୍ଶିକା ଠିକ୍



ଭାବେ ପାଳିତ ହେଉନାହିଁ । ନାଉଗାଁ ବିଡିଓ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ କିଛି ଅସାଧୁ କର୍ମଚାରୀ ଏସବୁ ନିୟମକୁ ଜଳାଞ୍ଜଳି ଦେଉଥିବା ସେମାନେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ।

ଅଭିଯୋଗ ମୁତାବକ, ପଞ୍ଚାୟତ ସମିତି କାର୍ଯ୍ୟର ଫାଇଲ ଦୁଇଲକ୍ଷ ଟଙ୍କାରୁ କମ୍ ହୋଇଥିଲେ ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ଦସ୍ତଖତ ଆବଶ୍ୟକ ନାହିଁ । ମାତ୍ର ଦୁଇଲକ୍ଷ ଟଙ୍କାର କାର୍ଯ୍ୟ ଫାଇଲକୁ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ନିକଟକୁ ପଠାଯାଇ ଜାଣିଶୁଣି ବିଳମ୍ବ କରାଯାଉଥିବା ସମୟରେ ଏଥିପାଇଁ ମୋଟା ଅଙ୍କର ପିସି ଆଦାୟ କରାଯାଉଛି । ଏହାର ବଧିବଦ୍ଧ ତଦନ୍ତ କରାଯିବା ସହିତ କାର୍ଯ୍ୟାନୁଷ୍ଠାନ ପାଇଁ ପଞ୍ଚାୟତ ପ୍ରତିନିଧିଙ୍କ ପକ୍ଷରୁ ଦାବି କରାଯାଇଛି । ଏହି କାରଣ ପାଇଁ ଠିକ୍ ସମୟରେ ୟୁସି ପଠାଯାଇପାରୁନାହିଁ ବୋଲି ସେମାନେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ସେହିପରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ପଞ୍ଚାୟତରେ ଜନସଚେତନତା ସୃଷ୍ଟି କରାଯିବା ସହିତ ଲୋକଙ୍କୁ ଏହି ଆଧ୍ୟାତ୍ମିକ ଭବନା ସହିତ ଜଡ଼ିତ କରିବାକୁ ଚେଷ୍ଟା କରାଯାଉଛି । ତେବେ ମାର୍ଗଦର୍ଶିକା ଅନୁସାରେ ପଞ୍ଚାୟତକୁ ଏଥିରେ ସାମିଲ କରିବା କଥା । ମାତ୍ର ବିଡିଓ ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ପ୍ରତିନିଧିଙ୍କୁ ଉପେକ୍ଷା କରି ହାତଗଣତି ଲୋକଙ୍କ ମଧ୍ୟରେ କାର୍ଯ୍ୟକ୍ରମକୁ ସୀମିତ ରଖି ବ୍ୟାପକ ଅର୍ଥ ହରିଲୁଟ୍ ପାଇଁ ମସୁଧା ଚଳାଇଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ଅନ୍ୟପକ୍ଷରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଆସୁଥିବା ଅର୍ଥକୁ ବିଡିଓ ପଞ୍ଚାୟତ ପ୍ରତିନିଧିଙ୍କୁ ଅନ୍ଧାରରେ ରଖି ହରିଲୁଟ କରିବାକୁ ଯୋଜନା ଚଳାଇଥିବା ଜନପ୍ରତିନିଧି ନିହାର ରଂଜନ ବସ୍ତିଆ, ଦୋଳଗୋବିନ୍ଦ ଦାସ, ଲକ୍ଷ୍ମୀପ୍ରିୟା ପରିଡା, ପ୍ରାଚୀ ସାଗରିକା ଜେନା , ସନ୍ଧ୍ୟାରାଣୀ ବେହେରା, ଲକ୍ଷ୍ମୀପ୍ରିୟା ମଲିକ, ଲିଜା ଦାସ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହିତ ନାଉଗାଁର କାଦମ୍ବିନୀ ମଣ୍ଡପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି ।

## ବିଜେଡି କାର୍ଯ୍ୟାଳୟରେ ମହାପ୍ରଭୁଙ୍କ ମହାପ୍ରସାଦ ବଣ୍ଟନ




ବାଲିକୁଦା,୮ ।୧(ସମିସ): ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ ବିଜୁ ଜନତାଦଳପକ୍ଷରୁପଞ୍ଚାୟତବିଜେଡିସଭାପତିତଥାପୂର୍ବତନସରପଞ୍ଚ ରାମଚନ୍ଦ୍ର ସ୍ୱାଇଁଙ୍କ ପୌରହିତରେ ପଞ୍ଚାୟତ ବିଜେଡି କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତର ଜନସାଧାରଣ ମାନଙ୍କ ପାଇଁ ପୁରୀରୁ ଆସିଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ବଣ୍ଟନ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର କୃଷ୍ଣ ଚନ୍ଦ୍ର ନାୟକ, ମାନସ ଜେନା, ବ୍ରଜବନ୍ଧୁ ନାୟକ, ସନ୍ତୋଷ ମହାନ୍ତି, କ୍ଷେତ୍ରମୋହନ ଦାସ,ସୁଦାମ ମହାନ୍ତି, ଫକୀର ଜେନା, ମୁନ୍ନା ବାରିକ, ଶ୍ୟାମ ସୁନ୍ଦର ନାୟକ, ସୁରେନ୍ଦ୍ର ଜେନା,ଜଗବନ୍ଧୁ ସ୍ୱାଇଁ, ନ୍ୟାୟବ ସରପଞ୍ଚ ବିମଳ ଦଳାଇ, ତାପସ ମହାନ୍ତି, ଉଲ୍ଲାସ ମଲ୍ଲିକ, ରାଜୁ ସ୍ୱାଇଁ, ବାବୁଲି ସ୍ୱାଇଁ, ତୁଷାର ମହାନ୍ତି, ବିକ୍ରମ ସେଠି, ସାଗର ବିଶ୍ୱାଳ, ରମେଶ ଜେନା, ଗୋବିନ୍ଦ ମହାନ୍ତି, ନିରଞ୍ଜନ ମଳିକ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ ।

## ରେଢୁଆ ସମବାୟ ସମିତିର କାଗଜପତ୍ର ଜବତ

ରଘୁନାଥପୁର, ୮ ।୧ (ସମିସ) : ରେଢୁଆ ସମବାୟ ସମିତିର ୨୦୨୨-୨୩ ବର୍ଷପାଇଁ ଧାନକ୍ରୟ ଦୁର୍ନୀତିକୁ ଚାଷୀମାନେ ବିଭାଗୀୟ ଅଧିକାରୀମାନଙ୍କ ନିକଟରେ ଅଭିଯୋଗ କରିଥିଲେ । ବିଭାଗୀୟ ଅଧିକାରୀ ଚାଷୀମାନଙ୍କର ଅଭିଯୋଗକୁ ନେଇ ତଦନ୍ତ କରିଥିଲେ । ରେଢୁଆ ସମବାୟ ସମିତିର ସମ୍ପାଦକ ସୁରେନ୍ଦ୍ର ନାଥ ଦାସ ଏବଂ ସହସମ୍ପାଦକ ପ୍ରକାଶ ମହାପାତ୍ରଙ୍କୁ ଚାକିରିରୁ ସସ୍‌ପେଣ୍ଡ କରିଥିଲେ । ଏହି ସମବାୟ ସମିତି ସୁଚାରୁରୂପେ କାର୍ଯ୍ୟ କରିବାପାଇଁ ରାଢଙ୍ଗ ସମବାୟ ସମିତି ସମ୍ପାଦକ ଭଗବାନ ପ୍ରସାଦ ସ୍ୱାଇଁଙ୍କୁ ଏହି ସମିତିର ସମ୍ପାଦକ ଦାୟିତ୍ୱ ଦିଆଯାଇଛି । ଚାକିରିରୁ ନିଲମ୍ବନ ହୋଇଥିବା ସମ୍ପାଦକ ଓ ସହସମ୍ପାଦକ ଦାୟିତ୍ୱ ହସ୍ତାନ୍ତର ନିମନ୍ତେ ବିଭାଗୀୟ ଅଧିକାରୀ ବାରମ୍ବାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ପୂର୍ବତନ ସମ୍ପାଦକ ଏହାକୁ ବେଖାତିର କରିବା ସହିତ ଦାୟିତ୍ୱ ହସ୍ତାନ୍ତର କରିନଥିଲେ । ଶେଷରେ ଆଜି ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ରଘୁନାଥପୁର ଅତିରିକ୍ତ ତହସିଲଦାର ତପନ କୁମାର ପରିଡାଙ୍କ ନେତୃତ୍ୱରେ ରଘୁନାଥପୁର ଥାନା ପୁଲିସ ଏସଆଇ ନିଲମ ସୋରେନ, ଏଏସଆଇ ସଞ୍ଜୟ କୁମାର ଦଣ୍ଡପାଟ ଓ ଷ୍ଟାଫ୍ ରେଢୁଆ ସମବାୟ ସମିତିର ଆଲମିରା ଭାଙ୍ଗି ସେଥିରୁ ସମସ୍ତ କାଗଜପତ୍ର ଜବତ କରିଛନ୍ତି । ଏହି ସମୟରେ ଜଗତସିଂହପୁର ସମବାୟ ଏଆର ଚିତ୍ରାଚିନ୍ମୟ ଦାସ, ସମିତିର ସଭାପତି ପ୍ରଦୀପ୍ତ କିଶୋର ମହାନ୍ତି, ଡିଇଓ ସନ୍ଧ୍ୟାରାଣୀ ସ୍ୱାଇଁ, ସମିତି ସଦସ୍ୟ ବିଜନ କୁମାର ମହାପାତ୍ର, ରବିନ୍ଦ୍ର ମଲ୍ଲିକ, ରାଜେନ୍ଦ୍ର ନାରାୟଣ ମହାପାତ୍ର, ପ୍ରଣତି ଜେନା, ସର୍ବେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନ ପକ୍ଷରୁ ମେଡିକାଲ କଲେଜ ପାଇଁ ପୁଣି ହେବ ଆନ୍ଦୋଳନ

ଜଗତସିଂହପୁର, ୮ ।୧(ସମିସ): ଜଗତସିଂହପୁରରେ ମେଡିକାଲ କଲେଜ ଖୋଲିବା ଓ ପଲ୍ଲୀ ସ୍ୱାସ୍ଥ୍ୟ କେନ୍ଦ୍ର କଟକକୁ ସ୍ଥାନାନ୍ତର ନକରିବା ଦାବିରେ ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନ ପକ୍ଷରୁ ଜଗତସିଂହପୁରରେ ବନ୍ଦ କରାଯିବା ପରେ ପୁଣିଥରେ ଦାବି ହାସଲ ପାଇଁ ଚରମ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନର ଆବାହକ ଅଡଭୋକେଟ ବାସୁଦେବଙ୍କ ଠାରୁ ସୂଚନା ମିଳିଛି । ଏ ସଂପର୍କରେ ଆସନ୍ତା ଜାନୁଆରୀ ୧୪ ତାରିଖରୁ ଜିଲ୍ଲାର ଶତାଧିକ ଲୋକ ହାତରେ ଜାତୀୟ ପତାକା ଓ ବାଡିଧରି ଗ୍ରାମାଞ୍ଚଳରେ ବୁଲି ବୁଲି ମେଡିକାଲ କଲେଜ ନାହିଁ ତ ଭୋଟ ନାହିଁ ବୋଲି ସ୍ଲୋଗାନ ଦେଇ ଜନସଚେତନତା ସୃଷ୍ଟି ପାଇଁ ଉଦ୍ୟମ କରିବେ ବୋଲି ପ୍ରକାଶ କରିଛନ୍ତି । ଜଗତସିଂହପୁରରେ ମେଡିକାଲ କଲେଜ ଖୋଲିବା ଓ ୧୯୫୫ ମସିହାରୁ ପ୍ରତିଷ୍ଠା ହୋଇଥିବା ପଲ୍ଲୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ କଟକ ସ୍ଥାନାନ୍ତର କରିବା ପ୍ରତିବାଦରେ ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନ ପକ୍ଷରୁ ସହରରେ ବିଭିନ୍ନ ସମୟରେ ଆନ୍ଦୋଳନ , ଦାବି ଓ ଅନଶନ କରାଯାଇଥିଲା । ତେବେ ଏହାକୁ ଆହୁରି ତୀବ୍ରତର କରିବାକୁ ଜଗତସିଂହପୁର ବନ୍ଦ କରିବାକୁ ଅଭିଯାନ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ୧୨ଘଣ୍ଟିଆ ଜଗତସିଂହପୁର ବନ୍ଦ ପାଳନକୁ ଜନସମର୍ଥନ ମିଳିଥିଲା । ନିକଟରେ ବିଭିନ୍ନ ସ୍ଥାନରେ ମେଡିକାଲ କଲେଜ ଦାବିରେ ଦସ୍ତଖତ ସଂଗ୍ରହ ଅଭିଜାନ ଜାରି ରହିଥିବା ସୂଚନା ମିଳିଛି । ତେବେ ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବାକୁ ଥିବା 'ମେଡିକାଲ କଲେଜ ନାହିଁତ ଭୋଟ ନାହିଁ' ଆନ୍ଦୋଳନ ପ୍ରଥମେ ନିପୁର , ଅଳସୁଧା ଓ ପିତେଇପୁର ପଞ୍ଚାୟତରେ ଆରମ୍ଭ ହେବ ବୋଲି ସୂଚନା ମିଳିଛି । ସେହିପରି ଜାନୁଆରୀ ୩୧ ଓ ଫେବୃଆରୀ ୯ ତାରିଖରେ ଜଗତସିଂହପୁର ସହରରେ ମେଡିକାଲ କଲେଜ ପାଇଁ ବାଇକ ଓ ସ୍କୁଟର ରାଲି କରାଯିବ ବୋଲି ଅଡଭୋକେଟ ବାସୁଦେବଙ୍କ ଠାରୁ ସୂଚନା ମିଳିଛି ।

## ଠିକାଦାରଙ୍କ କବ୍‌ଜାରେ ବାଉରିଆ ପାଳନ୍ଦା ପମ୍ପ୍ ହାଉସ

ପାରାଦୀପ, ୮ ।୧ (ସମିସ): ପାରାଦୀପ ବାଉରିଆ ପାଳନ୍ଦା ର ପମ୍ପ ହାଉସ ଏବେ କଣ୍ଟ୍ରାକ୍ଟରଙ୍କ କବ୍ଜାରେ ରହିଥିବା ଅଭିଯୋଗ ହୋଇଛି ।ବର୍ଷ ବର୍ଷ ଧରି ସେମାନେ ଏହି ଜାଗାକୁ ବ୍ୟବହାର କରୁଛନ୍ତି । ପାରାଦୀପ ପୌର ପରିଷଦ ଅଧିନ ୬ ନମ୍ବର ୱାର୍ଡ ର ଏହି ଏକମାତ୍ର ପାଣି ପମ୍ପ ମୁଣ୍ଡାପଡା, ବେଙ୍ଗଲୀ ପଡା, ମାର୍କେଟ ଅଞ୍ଚଳ, ମଝି ପାଳନ୍ଦା, ବଙ୍ଗାଳି ପଡା ଓ ମୂଳ ପଡାକୁ ପାଣି ଯୋଗାଇ ଥାଏ ।କିନ୍ତୁ କେତେକ ମୁଷ୍ଟିମେୟ ବ୍ୟକ୍ତି ଏହି ପମ୍ପ ହାଉସକୁ ଜବରଦଖଲ କରି ତା ଭିତରେ ଲୁହା ରଡ଼ ଓ କାଠ ଆଦି ଗଦା କରି କବ୍ଜା କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।ଏହା ଗଦା ହେବା ଦ୍ୱାରା ଭିତରେ ଅପରିଷ୍କାର ପରିବେଶ ସୃଷ୍ଟି କରିଛି ।ଲୋକେ ସ୍ୱଚ୍ଛ ପିଇବା ପାଣି ବ୍ୟବହାର କରିବାରେ ବାଧା ସୃଷ୍ଟି ହେଉଛି ।ତୁରନ୍ତ ଏଭଳି ଗଦା ନ କରିବାକୁ କଲୋନୀ ବସି ଦାବି କରିଛନ୍ତି ।ନହେଲେ ପୌର ପରିଷଦ କାର୍ଯ୍ୟାଳୟ ଆଗରେ ଧାରଣା ଦେବାପାଇଁ ବାଧହେବେ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି ।

## ଉପନିବନ୍ଧକଙ୍କ ମନମୁଖି କାର୍ଯ୍ୟକୁ ନେଇ ଦଲିଲ ଲେଖକଙ୍କ ଧାରଣା

ନାଉଗାଁ, ୮।୧(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଦେବୀଦୋଳର ସର୍ବପୁରାତନ ଉପନିବନ୍ଧକ କାର୍ଯ୍ୟାଳୟ ଆଜକୁ ୪ ଦିନ ହେଲା ଅଚଳ ହୋଇପଡିଛି । ଯାହାଦ୍ୱାରା ଜମିବାଡି ବିକ୍ରୀ ଖର୍ଦ୍ଦି ଓ ବିବାହ ପଞ୍ଜିକରଣ ପାଇଁ ଉକ୍ତ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରୁଛନ୍ତି । ସୂଚନା ଅନୁସାରେ ବିଗତ ୫ ବର୍ଷହେଲା ଏହି କାର୍ଯ୍ୟାଳୟରେ ସ୍ଥାୟୀ ଉପନିବନ୍ଧକ ପଦ ଖାଲି ପଡିଛି । ଉକ୍ତ ଦିନ ଗୁଡିକ ମଧ୍ୟରେ ଏହି କାର୍ଯ୍ୟାଳୟ ଦାୟିତ୍ୱ ନାଉଗାଁ ତହସିଲଦାର ତୁଲାଇ ଆସୁଥିବା ବେଳେ ଏବେ ସ୍ଥାନୀୟ ନାଉଗାଁ ଅତିରିକ୍ତ ତହସିଲଦାର କାର୍ଯ୍ୟ ଚଳାଉଛନ୍ତି । ହେଲେ ସମ୍ପୃକ୍ତ ଅଧିକାରୀ ଜଣଙ୍କ ଏଠାରେ ମନମୁଖି କାର୍ଯ୍ୟ ଚଳାଉଛନ୍ତି । ଯାହାଦ୍ୱାରା ତାଙ୍କ କାର୍ଯ୍ୟରେ ଅତିଷ୍ଠ ହୋଇ ଏଠାକାର ଦଲିଲ ଲେଖକମାନେ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ନାଉଗାଁ ଥାନାରେ ଏକ ଲିଖିତ ଅଭିଯୋଗ କରିବା ସହିତ ଏଡିଏମ, ଡିଏସଆର, ସ୍ଥାନୀୟ ବିଧାୟକଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି । ଏମିତିକି ଆଜକୁ ୪ଦିନ ହେଲା କଲମଛାଡ ଆନ୍ଦୋଳନରେ ଉକ୍ତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ମଧ୍ୟ ବସିଛନ୍ତି । ଏହି ଦଲିଲ ଲେଖକ ମାନଙ୍କ ଅଭିଯୋଗ ଅନୁସାରେ ସମସ୍ତ ପ୍ରକାର ଦଲିଲ ଓ ଦସ୍ତାବିଜ୍ କାର୍ଯ୍ୟାଳୟରେ ଦାଖଲ କରାଯିବା ପରେ ଉପନିବନ୍ଧକ ଜମି ପଟ୍ଟା, ଆଧାରକାର୍ଡରେ ଥିବା ନାମ ଗୁଡିକରେ କିଛିନାକିଛି ବାହାନା ଦେଖାଇ ଦଲିଲ ଗୁଡିକୁ ଗ୍ରହଣ କରୁନାହାନ୍ତି । ଫଳରେ ଲକ୍ଷାଧିକ ଟଙ୍କା ଦେଇ କିଣିଥିବା ଷ୍ଟାମ୍ପ ପେପର ନଷ୍ଟ ହେବା ସହିତ ପକ୍ଷମାନେ ଏଠାକୁ ଖର୍ଚ୍ଚାନ୍ତ ହୋଇ ଆସୁଥଲେ ମଧ୍ୟକାର୍ଯ୍ୟ ନକରି ନିରାଶରେ ଫେରୁଛନ୍ତି । ଯାହାକୁନେଇ ଦଲିଲ ଲେଖକ ସଂଘ ପକ୍ଷରୁ କୈଳାଶଚନ୍ଦ୍ର ପଣ୍ଡା, ବିଚିତ୍ରାନନ୍ଦ ଦାସ, ବ୍ରଜ କିଶୋର ପାଢୀ, ସୁରେନ୍ଦ୍ର ଦାସ, ସୁବାଷ ଚକ୍ରବର୍ତ୍ତୀ, ହିତେଶ କୁମାର ଲେଙ୍କା, ଅଶୋକ କୁମାର ଆଚାର୍ଯ୍ୟ, ପ୍ରଦିପ୍ତ କୁମାର ଜେନା, କ୍ଷୀରୋଦ ସେଠୀ, ଜାନକୀ ରାଉତଙ୍କ ସମେତ ଅନ୍ୟ ଦଲିଲ ଲେଖକମାନେ ଗତ ୫ ତାରିଖରୁ ଧାରଣାରେ ବସିଥିଲେ ମଧ୍ୟ ସେମାନଙ୍କ କଥାକୁ ପ୍ରଶାସନ ପକ୍ଷରୁ କର୍ଣ୍ଣପାତ କରାଯାଉନାହିଁ । ଏଥିପ୍ରତି ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ସର୍ବସାଧାରଣରେ ଦାବି ହୋଇଛି । ଏ ସମ୍ବନ୍ଧରେ ଜିଲ୍ଲା ଉପନିବନ୍ଧକଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ ।




ମିଳିତ ଜନଅଭିଯୋଗ ଶୁଣାଣି ଶିବିର

## ୨୮୬ ଅଭିଯୋଗ ପଞ୍ଜିକୃତ, ୪୦ରେ ତତ୍କାଳ ଫଇସଲା

ଜଗତସିଂହପୁର,୮ ।୧(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପାରୁଲ ପଟାଓରୀ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ । ଆଜି ମୋଟ ୨୮୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସଂପର୍କୀୟ ୨୭୪ଗୋଟି ଅଭିଯୋଗ, ଗୋଷ୍ଠୀଗତ ସମସ୍ୟା ସଂପର୍କୀୟ/ଗ୍ରାମ୍ୟ ସମସ୍ୟା ସଂପର୍କୀୟ ୧୨ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରେସନ କାର୍ଡ ସମସ୍ୟା ସଂପର୍କୀୟ ୧୨ଟି, ଆବାସ ଯୋଜନା ସମସ୍ୟା ସଂପର୍କୀୟ୫ଟି, ଜମିଜମା ସମସ୍ୟା ସଂପର୍କୀୟ ୧୯୨ଟି, ଭତ୍ତା ପାଇବା ପାଇଁ ୬ଟି, ପୁଲିସ ସହାୟତା ପାଇବା ପାଇଁ ୨ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣିରୁ ସହାୟତା ପାଇବା ପାଇଁ ୧ଟି ଏବଂ ଅନ୍ୟାନ୍ୟ ୧୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୪୦ଟି ଅଭିଯୋଗର ତତ୍‌କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ପି.ଆର୍,ମୁଖ୍ୟ ବିକାଶ-ତଥା-ନିର୍ବାହୀ ଅଧିକାରୀ,ଜିଲ୍ଲା ପରିଷଦ ରବିନାରାୟଣ ଜେଠୀ, ଉପ-ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୁଜଙ୍ଗ ଦୀପକ ପ୍ରସାଦ ସ୍ୱାଇଁ, ତହସିଲଦାର, କୁଜଙ୍ଗ ପୁଷ୍ପାଶ୍ରୀ ସାମଲ,ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ଶୁଣାଣି କରିଥିଲେ । ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ଭୂତମୁଣ୍ଡେଇର ପ୍ରକାଶ ବେହେରାଙ୍କୁ ଜିଲ୍ଲାପାଳ ଶ୍ରୀମତୀ ପଟାଓରୀ ଏକ ଟ୍ରାଇ ସାଇକଲ ପ୍ରଦାନ କରିଥିଲେ । ଏତଦ୍‌ବ୍ୟତିତ ୨ ଜଣ ଛାତ୍ର ଯଥା-ଗୋପିଆକୁଦର ଶ୍ରୀ ଅମିତ୍ ପାଣି ଏବଂ ମଙ୍ଗରାଜପୁରର ଶ୍ରୀ ରାକେଶ ପଣ୍ଡାଙ୍କୁ ଜିଲ୍ଲାପାଳ ଲାପ୍‌ଟପ୍ ପ୍ରଦାନ କରିଥିଲେ । ଏହିକାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସୁନିଲ କୁମାର ନାଏକ ଉପସ୍ଥିତ ଥିଲେ ।

■ ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକଲ ଓ ଦୁଇଛାତ୍ରଙ୍କୁ ଲ୍ୟାପଟପ୍ ପ୍ରଦାନ



